

## ବାହାର ଶୀତବସ୍ତ୍ର ବେପାରୀଙ୍କ କଟେପୁଅ ବାର୍

# ବଢ଼ିଲା ଶୀତ; ଜମିଲା ବେପାର

ଭୁବନେଶ୍ୱର, ୧୦।୧(ସମିସ): ଉପକୂଳରୁ ଉପାନ୍ତ ସବୁଠି ଖସିଛି ପାରଦ। ଶୀତର ପ୍ରକୋପ ଯୋଗୁଁ ଲୋକ ଶୀତବସ୍ତ୍ର ବିନା ଘରୁ ଗୋଡ କାଢି ପାରୁନାହାନ୍ତି। ଏହାରି ଭିତରେ ରାଜଧାନୀର ବିଭିନ୍ନ ସ୍ଥାନରେ ଖୋଲିଥିବା ଶୀତବସ୍ତ୍ର ବଜାରରେ ଏବେ ଲୋକଙ୍କ ଭିଡ ବଢ଼ୁଥିବା ଦେଖିବାକୁ ମିଳୁଛି। ଶୀତ ବଢ଼ିବା ଯୋଗୁଁ ବିଭିନ୍ନ ପ୍ରକାରର ସ୍ୱେଟର, ଜ୍ୟାକେଟ ସାଙ୍ଗକୁ କମ୍ବଳର ଭେରାଇଟି ସେଠାରେ ଲୋକ କିଣି ନେଉଛନ୍ତି।



- ଗତବର୍ଷ ତୁଳନାରେ ଏଥର ଡବଲ ବେପାର
- ଫାଙ୍କା ପଡ଼ିଛି ଅଧିକାଂଶ ବେପାରୀଙ୍କ ଷ୍ଟଲ

ବାହାର ରାଜ୍ୟର ବ୍ୟବସାୟୀମାନେ ଖଣ୍ଡଗିରି ଛକ, ସହିଦନଗର, ଏକ ନମ୍ବର ହାଟରେ ଆସର ଜମେଇଛନ୍ତି। ବେପାରୀମାନେ ବିଭିନ୍ନ ପ୍ରକାରର ଟ୍ରେଣ୍ଡି ସ୍ୱେଟର, ଜାକେଟ୍, ସାଲ କମ୍ବଳ, ଟୋପି, ମଫଲର୍ ଆଦି ସାଙ୍ଗରେ ନେଇ ଆସିଥିଲେ। ଯେଉଁଥିରେ କଶ୍ମିରୀ ସାଲ, ରାଜସ୍ଥାନୀ ସ୍ୱେଟର, ସେରିନୋ ଉଲ ଯାକେଟ୍, ସ୍ରଗ୍ ଆଦି ଭେରାଇଟି ରହିଛି। ଏସବୁର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ୩ ହଜାର ପର୍ଯ୍ୟନ୍ତ ରହିଛି। ସାଧାରଣତ ଏହି ରାଜ୍ୟ ବାହାର ବେପାରୀମାନେ ନଭେମ୍ବର ପ୍ରଥମ ସପ୍ତାହରେ ଆସି ଫେବୃଆରୀ ଶେଷ ପର୍ଯ୍ୟନ୍ତ ଭୁବନେଶ୍ୱରରେ ରହିଥାନ୍ତି। ଚଳିତ ବର୍ଷ ଖଣ୍ଡଗିରି ଟ୍ରାଫିକ୍ ଛକ ନିକଟରେ ଆୟୋଜିତ ହେଉଥିବା ଶୀତବସ୍ତ୍ର ମେଳା ଆଜି ଶେଷ ଦିନରେ ପହଁଚିଛି। ଏଠାରେ କେବଳ ରାଜସ୍ଥାନୀମାନଙ୍କ ଷ୍ଟଲ୍ ରହିଛି। ଏହି ମେଳା ଫେବ୍ରୁଆରୀ ୧୫ ଯାଏଁ ଚାଲିବା କଥା ହେଲେ ଚଳିତ ବର୍ଷ ଭଲ ବେପାର ହୋଇଥିବାରୁ କିଛି ବେପାରୀ ସାଙ୍ଗରେ ଆଣିଥିବା କିଛି ଷ୍ଟକ୍ ସରିଯିବାରୁ ପୂର୍ବରୁ ହିଁ ନିଜ ରାଜ୍ୟକୁ ଫେରି ଯାଇଛନ୍ତି। ବଳକା ୫ରୁ ୬ଟି ଷ୍ଟଲ୍‌ର ଷ୍ଟକ ସରିନଥିବାବେଳେ ଖଣ୍ଡଗିରି ମେଳା ଯୋଗୁଁ ସେମାନଙ୍କୁ ସେହି ସ୍ଥାନ ଫାଙ୍କା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଚଳିତବର୍ଷର ବେପାର ବିଷୟରେ ରାଜସ୍ଥାନୀ ବେପାରୀ ଦେବେନ୍ଦ୍ର କୁହନ୍ତି, ଏଥର ଶୀତ ଭଲ ହୋଇଥିବା ଯୋଗୁଁ ବେପାର ମଧ୍ୟ ଭଲ ହୋଇଛି। ଫଳରେ ଅଧିକାଂଶ ବେପାରୀ ସାଙ୍ଗରେ ଆଣିଥିବା ଷ୍ଟକ ସରିଯାଇଥିବାରୁ ଘରକୁ ଫେରିଯାଇଛନ୍ତି। ତାଙ୍କ ପାଖରେ ମଧ୍ୟ ଅଳ୍ପ କିଛି ଜ୍ୟାକେଟ୍‌ର ଷ୍ଟକ ରହିଛି। ମେଳା ପାଇଁ ଜାଗା ଫାଙ୍କା କରିବାକୁ ନପଡୁଥିଲେ ସେ ମଧ୍ୟ ବଳକା ଶୀତବସ୍ତ୍ର ବିକ୍ରି କରି ଦେଇ ଯାଇଥାନ୍ତେ। କାରଣ ସବୁଠୁ ଅଧିକା ବେପାର ଏହି ଡିସେମ୍ବର ଶେଷରୁ ଜାନୁଆରୀରେ ହୋଇଛି। ଶୀତ ଯୋଗୁଁ ଲୋକ ଏଥର ବିଭିନ୍ନ ପ୍ରକାରର ଶୀତବସ୍ତ୍ର ଖୋଜି କିଣି ନେଉଛନ୍ତି। ନଚେତ୍ ଗତ ତିନି ଚାରି ବର୍ଷ ହେବ ବେପାର ମାନ୍ଦା ରହୁଥିଲା। ତେଣୁ ସେମାନେ ପୂର୍ବ ଅପେକ୍ଷା କମ ଶୀତବସ୍ତ୍ର ବେପାର ପାଇଁ ଆଣିଥିଲେ ବୋଲି ସେ କହିଛନ୍ତି। ସେହିଭଳି ରାଜଧାନୀର ଏକ ନମ୍ବର ମାର୍କେଟ, ସହୀଦନଗର ଆଦି ସ୍ଥାନରେ ମଧ୍ୟ ଭଲ ବେପାର ହେଉଥିବା ଦେଖିବାକୁ ମିଳୁଛି।

● ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର

## ଆଜିଠୁ ଯୋଗ ଓ ଫିଜିଓଥେରାପି ବନ୍ଦ

ଭୁବନେଶ୍ୱର, ୧୦।୧(ସମିସ): ଭିଏସ୍ଏସ୍ ନଗର ସମେତ ଭୁବନେଶ୍ୱରରେ ଥିବା ସମସ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରରୁ ସବୁ ଦିନିଆ ଯୋଗ ଓ ଫିଜିଓଥିରାପି ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଛି। ୨୦୧୯ ମାର୍ଚ୍ଚ ମାସ ୧୦ ତାରିଖ ଦିନ ଭିଏସ୍ଏସ୍ ନଗରରେ ମହାନଗର ନିଗମ ପକ୍ଷରୁ ଡାକ୍ତରଖାନା ଉଦଘାଟନ ହୋଇଥିଲା। ଏହା ଠିକ୍ ଭାବରେ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦର ବହୁ ଚେଷ୍ଟା ପରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ୨୦୨୨ ସେପ୍ଟେମ୍ବର ୨୩ରୁ ଭୁବନେଶ୍ୱରର ପ୍ରଥମ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ ହୋଇ ଏଠାରେ ଡାକ୍ତର, ଔଷଧ, ଲାବରେଟୋରୀ, ଯୋଗ ଓ ଫିଜିଓଥିରାପି ଆଦି ସମସ୍ତ ସୁବିଧା ଉପଲବ୍ଧ ହେଉଥିଲା। ଏହା ଭିତରେ ରାଜ୍ୟ ସରକାର ବଦଳିଗଲା। ସରକାର ବଦଳିବା ସହିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ନାମ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର ହେଲା। ଏହା ପରେ ଏଠାରୁ ପ୍ରଥମେ ଲାବରେଟୋରୀକୁ ବନ୍ଦ କରି ଦିଆଯାଇ ଏଠାରୁ ଲାବରେଟୋରୀ ଟେକନିସିଆନ ଓ ଜଣେ ସହାୟିକାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଗଲା। ରବିବାରଠାରୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରରେ ଆଉ ଯୋଗ ଓ ଫିଜିଓଥିରାପି କେନ୍ଦ୍ର ଚାଲିବ ନାହିଁ ବୋଲି ନିର୍ଦ୍ଦେଶ ଆସିଛି। ତେଣୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରରୁ ଯଦି ଧୀରେ ଧୀରେ ଲାବରେଟୋରୀ, ଯୋଗ ଓ ଫିଜିଓଥିରାପି କେନ୍ଦ୍ର ଆଦି ବନ୍ଦ କରାଯିବ ତେବେ ଲୋକ ପ୍ରକୃତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବେ ବୋଲି ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି।



- ପ୍ରଥମେ ବନ୍ଦ ହୋଇଥିଲା ଲାବରେଟୋରୀ
- ଅସନ୍ତୋଷ ପ୍ରକାଶ କଲେ ଅଞ୍ଚଳବାସୀ

## ବାଲିପାଟଣାରେ ଜିଲ୍ଲାପାଳଙ୍କ କାର୍ଯ୍ୟ ସମୀକ୍ଷା




ବାଲିପାଟଣା, ୧୦।୧(ସମିସ): ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ ବାଲିପାଟଣାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବଲଭଦ୍ରପୁର୍ ଗ୍ରାମରେ କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ କଦଳୀ ଗଛରୁ କାଗଜ ଓ ସବୁଜ ସାର ପ୍ରସ୍ତୁତି କାର୍ଯ୍ୟକ୍ରମ ଓ ସାମାଜିକ ସନ୍ତୁଳନ ନିମନ୍ତେ ହେଉଥିବା ୫୦ ଜଣ ମହିଳାଙ୍କ ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଛନ୍ତି। ଏହାପୂର୍ବରୁ ପମ୍ପାଲୋ ଗ୍ରାମ ପଞ୍ଚାୟତ ନିକଟରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଓ ବଡପୋଖରିର ଉନ୍ନତୀକରଣ ଯୋଜନା ସହିତ ସରାଟ ମନ୍ତ୍ରୀ ପୋଖରୀ ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ଜିଲ୍ଲାପାଳ ଙ୍କ ସହିତ ବିଡ଼ିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାସ, ସିଡିପିଓ ରୁନୁବାଳା ସାହୁ, ଜେଇ ସଙ୍ଗୀତା ବେହେରା, ସୁଶ୍ରୀ ବେହେରା, ବିପିସି ଦିବ୍ୟରଞ୍ଜନ ମହାପାତ୍ର, ଏଏଫଓ ମୋନାଲିସା ରାଉତ, ଜେଏଫ୍‌ଟି ଓ ପ୍ରକାଶ ବେହେରା, ବିଏଲ୍‌ସି ନଳିନୀ ସେଠୀ ଓ ଏମବିକେ ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନାରଗୋଦା-ତମାଣ୍ଡୋ ଉପ୍ରା ବିଦ୍ୟାଳୟର ଶତବାର୍ଷିକ ଜୟନ୍ତୀ



ଭୁବନେଶ୍ୱର, ୧୦।୧(ସମିସ): ରାଜଧାନୀ ଉପକଣ୍ଠ ଭୁବନେଶ୍ୱର ବ୍ଲକ ନାରଗୋଦା-ତମାଣ୍ଡୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକ ଜୟନ୍ତୀ ଉତ୍ସବ ଶନିବାର ଉଦ୍ଘାଟିତ ହୋଇଯାଇଛି। ନାରଗୋଦା-ତମାଣ୍ଡୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଆଲୁମିନି ଟ୍ରଷ୍ଟ ଆନୁକୂଲ୍ୟରେଏହି ଶତ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ଚାଲିବ। ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ, ଆଲୁମିନି ଟ୍ରଷ୍ଟ ଉପସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ମ୍ୟାନେଜିଂ ଟ୍ରଷ୍ଟି ସୁକାନ୍ତ କୁମାର ପଟ୍ଟନାୟକ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦେବସ୍ମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବୟୋଜ୍ୟେଷ୍ଠ ପୂରାତନ ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଶତ ବାର୍ଷିକ ଜୟନ୍ତୀ ଅବସରରେ ଆଜି ବିଦ୍ୟାଳୟ ପରିସରରେ ରେଡକ୍ରସ ପକ୍ଷରୁ ଏକ ରକ୍ତଦାନ ଶିବିର ଓ ମଣିପାଲ ହସ୍ପିଟାଲର ଅଭିଜ୍ଞ ବିଶେଷଜ୍ଞ ମାନଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ଭଜନ ଓ ନୃତ୍ୟ ନାଟିକା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ଏହି ଶତବାର୍ଷିକ ଜୟନ୍ତୀ ସମାରୋହର ଉଦଯାପନୀ ଦିବସ ପାଳନ କରାଯିବ। (ରଞ୍ଜନା)

## ପିୟୁସିସି ଆଳରେ ଗାଡ଼ିଚାଳକଙ୍କୁ ଲୁଟିବା ବନ୍ଦ କର: ସିପିଆଇ

ଭୁବନେଶ୍ୱର, ୧୦।୧(ସମିସ): ମୋଟର ଭେହିକିଲ୍ ଆଇନର ସଂଶୋଧନ ନାମରେ ସମସ୍ତ ପ୍ରକାରର ମୋଟର ଯାନ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ତଥାକଥିତ ଯାଞ୍ଚ ଆଳରେ ସରକାର ସମ୍ପୃକ୍ତ ମୋଟର ଯାନ ମାଲିକ ବା ଚାଳକଙ୍କୁ ଦିନ ଦିନ ଧରି ଧାଡିରେ ଛିଡ଼ା ହେବାର ଦଣ୍ଡ ଦେଉଛନ୍ତି। ପ୍ରଦୂଷଣ ସାର୍ଟିଫିକେଟ ନ ଥିଲେ ଅତ୍ୟଧିକ ଜୋରିମାନା ବୋଝ ଗାଡି ବିକ୍ରି କରିବାକୁ ବାଧ କରାଯାଉଛି। ପ୍ରଦୂଷଣର ମାତ୍ରା ଯେଉଁ ବେଗରେ ବଢ଼ୁଛି, ସେଥିରେ ଭାରତ ସରକାର ଓ ରାଜ୍ୟ ସରକାରମାନଙ୍କ ଅବହେଳା ସୀମା ଲଙ୍ଘନ କରୁଥିବା ବେଳେ ସରକାର ଯେଉଁ ଦିଗ ପ୍ରତି ଅଧିକ ଧ୍ୟାନ ଦେବା କଥା ତାହା କରୁ ନାହାନ୍ତି। ବିପଜ୍ଜନକ ପ୍ରଦୂଷଣ ବନ୍ଦ ପାଇଁ କେନ୍ଦ୍ର ସରକାର ପ୍ୟାରିସ ଚୁକ୍ତିନାମା କାର୍ଯ୍ୟକାରୀ କରି ଜୀବାଶ୍ମ ଇନ୍ଧନ ବନ୍ଦ କରିବା, ଜଙ୍ଗଲ କାଟ କରି ପ୍ରତିଷ୍ଠା କରୁଥିବା ଖଣିଜ ଶିଳ୍ପାୟନ ବନ୍ଦ କରିବା, ବିଲଡରଙ୍କ ଅସୁରକ୍ଷିତ ତଥା ପ୍ରଦୂଷିତ ନିର୍ମାଣ ଶୈଳୀ ଉପରେ ଅଙ୍କୁଶ ଲଗାଇବା ସହ ପ୍ରଦୂଷଣ ମୁକ୍ତ ମୋଟରଯାନ ଉତ୍ପାଦନ ଉପରେ ଗୁରୁତ୍ୱ ନଦେଇ ସରକାର ଲୋକଙ୍କୁ ଦଣ୍ଡ ଦେବାକୁ ବସିଛନ୍ତି। ଲୋକଙ୍କ ଉପରୁ ପ୍ରଦୂଷଣ ସାର୍ଟିଫିକେଟ ନାମରେ ଜୋରିମାନାରେ ଦେଶ ଚଳାଇବାର ରୁଗ୍ଣ ମାନସିକତା ପ୍ରତିବାଦରେ ଶନିବାର ରାଜମହଲ ଛକରେ ସିପିଆଇ ଓ ବିକେଏମୟୁ ପକ୍ଷରୁ ବିକ୍ଷୋଭ ଓ ରାସ୍ତା ରୋକ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭରେ ସିପିଆଇର ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା, ଭୁବନେଶ୍ୱର ଅଞ୍ଚଳ ସମ୍ପାଦକ କୈଳାସ ପୁହାଣ, ସହ ସମ୍ପାଦକ ବିଶ୍ୱଜିତ ନାୟକ ଓ ଶଙ୍କର ବାରିକ, ରାଧାକାନ୍ତ ଶତପଥୀ, ଶରତ ସ୍ୱାଇଁ, ମନୋଜ ବାରିକ, ପଞ୍ଚାନନ ସାହୁ, ଛେତମ୍ବର ଭୋଇ, ମୁରଲୀ ଭୋଇ ଓ ଶିବ ବେହେରା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।




ମରିଚିଆ କପ୍ ଫୁଟବଲ ୪ର୍ଥ ଦିବସ

## ସେମିଫାଇନାଲ୍‌ରେ ଗୋଠପୁର



ନନ୍ଦନକାନନ, ୧୦।୧(ସମିସ): ଭୁବନେଶ୍ୱର ଉପକଣ୍ଠ ମରିଚିଆ ଗ୍ରାମ ଖେଳ ପଡ଼ିଆରେ ଅନୁଷ୍ଠିତ ମରିଚିଆ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସରେ ୩ଟି ମ୍ୟାଚ ଖେଳା ଯାଇଛି। ଦ୍ୱିତୀୟ ଲିଗ ମ୍ୟାଚ୍‌ରେ ମା' ମଙ୍ଗଳା କ୍ଲବ୍ ଗୋଠପୁର ସହିତ ଜୟ ଦୁର୍ଗା କ୍ଲବ୍ ଆମଣ ମଧ୍ୟରେ ଖେଳା ଯାଇଥିଲା। ମା' ମଙ୍ଗଳା ଦଳ ୩/୧ ଗୋଲରେ ବିଜୟୀ ହୋଇ କ୍ୱାର୍ଟରକୁ ଉନ୍ନିତ ହୋଇଥଲା। ଦ୍ୱିତୀୟ ମ୍ୟାଚ୍‌ରେ କୃଷକ ବନ୍ଧୁ କ୍ଲବ୍‌ତଣ୍ଡିକଣା ଦଳ ଓ ବେଲେଶ୍ୱର କ୍ଲବ୍ ବେଲଗଛିଆ ମଧ୍ୟରେ ଖେଳା ଯାଇଛି। ତଣ୍ଡିକଣା ଦଳ ୧/୦ ଗୋଲରେ ବିଜୟୀ ହୋଇ କ୍ୱାଟରକୁ ଉନ୍ନିତ ହୋଇଥିଲା। ଗୋଠପୁର ଦଳ ସହିତ ତଣ୍ଡି କଣା ମଧ୍ୟରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ୪/୧ ଗୋଲରେ ଜିତି ଗୋଠପୁର ସେମିଫାଇନାଲକୁ ପ୍ରବେଶ କରିଛି। ମୁଖ୍ୟ ଅତିଥି ରାଜ୍ୟ ବିଜେପି ଉପସଭାପତି ଗୋଲଖ ପ୍ରସାଦ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଦିଲ୍ଲିପ କୁମାର ବେହେରା, ଯଶୋବନ୍ତ ଓଝା, ମନୋଜ ସାହୁ, ବସନ୍ତ ରାଉତ, ଓଡ଼ିଶା ଫୁଟବଲ କିମ୍ବଦନ୍ତୀ ନିପେନ୍ଦ୍ର କୁମର ଦାସ ଓ ସୁଶାନ୍ତ କୁମାର ମହାନ୍ତି ଯୋଗ ଦେଇଥିଲେ। ରବିବାର ପ୍ରଥମ ସେମିଫାଇନାଲ ମା' ମଙ୍ଗଳା କ୍ଲବ୍ ସହିତ କୁରାଙ୍ଗ ଓ ଦ୍ୱିତୀୟ ସେମି ଫାଇନାଲ ଜୟପୁର ବନାମ ପ୍ରତାପ ନଗରୀ ମଧ୍ୟରେ ଅନୁଷ୍ଠିତ ହେବ। ଏଥିରୁ ବିଜୟୀ ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ।

## ଖୋଲିଲା ଲୋକଭବନ ଉଦ୍ୟାନ

# ପ୍ରଥମ ଦିନରେ ବୁଲିଲେ ୮ ହଜାର ପରିଦର୍ଶକ

ଭୁବନେଶ୍ୱର, ୧୦।୧(ସମିସ): ଶନିବାର ଠାରୁ ଲୋକଭବନ ଉଦ୍ୟାନ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲାଯାଇଛି। ପ୍ରଥମ ଦିନରେ ୮ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ରାଜଭବନର ଉଦ୍ୟାନ ପରିଦର୍ଶନ କରିଛନ୍ତି। ଦର୍ଶକମାନେ ଲୋକଭବନ ଉଦ୍ୟାନରେ କିସମର ବୃକ୍ଷଲତା, ପୁଷ୍ପରାଜି, ମ୍ୟୁଜିକ୍ ଫାଉଣ୍ଟେନ୍, ହରିଣ ଉଦ୍ୟାନ, ମୟୂର, ମୁକ୍ତ ଆକ୍ୱାରିୟମ୍ ପରିଦର୍ଶନ କରିଛନ୍ତି। ଚଳିତ ଜାନୁଆରୀ ମାସ ୭ ତାରିଖରେ ଉଦ୍‌ଘାଟିତ 'ଅଟଳ ବନ' ଲୋକଭବନର ସୌନ୍ଦର୍ଯ୍ୟ ବୃଦ୍ଧି କରିଛି। ଅଟଳ ବନରେ ପ୍ରଦର୍ଶିତ ଯୁଦ୍ଧ ଟ୍ୟାଙ୍କ 'ଟି-୫୫', ଯୁଦ୍ଧ ବିମାନ 'ରାଫେଲ'ର ପ୍ରତିକୃତି, ଜଳାଶୟ, ଝରଣା ଆଦି ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି। ପରିଦର୍ଶକମାନେ ଏଠାରେ ବୁଲିବା ସହ ଫଟୋ ଭିଡିଓ କରୁଥିବା ଦେଖିବାକୁ ମିଳିଛି। ଆଗାମୀ ଦିନରେ ରାଜ୍ୟପାଳ ଛାତ୍ରଛାତ୍ରୀ ଓ ପରିଦର୍ଶକମାନଙ୍କ ସହ ବାର୍ତ୍ତାଳାପ କରିବାର କାର୍ଯ୍ୟକ୍ରମ ରହିଛି। ଚଳିତ ଜାନୁଆରୀ ମାସ ୨୦ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ରାଜ ଭବନ ଉଦ୍ୟାନ ଖୋଲା ରହିବ। ଉଦ୍ୟାନ ପ୍ରବେଶ ପାଇଁ ପ୍ଲେ ଷ୍ଟୋର କିମ୍ବା ଆପ୍ ଷ୍ଟୋରରୁ ଉଦ୍ୟାନ ପରିଦର୍ଶନ, ରାଜଭବନ, ଓଡ଼ିଶାର ମୋବାଇଲ୍ ଆପ୍ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ଓଡ଼ିଶାର ଲୋକଭବନ ୱେବ୍‌ସାଇଟରେ ଉପଲବ୍ଧ ଥିବା କ୍ୟୁ-ଆର୍ କୋଡ୍ ମାଧ୍ୟମରେ ମୋବାଇଲ୍ ଆପ୍ ମଧ୍ୟ ଡାଉନ୍‌ଲୋଡ କରାଯାଇପାରିବ। ତେବେ ଅପରାହ୍ଣ ସଢ଼େ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସର୍ବସାଧାରଣ ପ୍ରବେଶ କରିବା ସହ ସ୍କୁଲ୍ ଛାତ୍ରଛାତ୍ରୀମାନେ ସକାଳ ସାଢ଼େ ୮ଟାରୁ ୧୦ ପର୍ଯ୍ୟନ୍ତ ପ୍ରବେଶ ନିୟମ ରହିଛି। ଉଦ୍ୟାନ ପରିଦର୍ଶନ ପାଇଁ ଏ.ଡି.ସି / ଚିଫ୍ ସିକ୍ୟୁରିଟି ଅଫିସରଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁରୋଧ ପତ୍ର ପଠାଇବା ଆବଶ୍ୟକ ବୋଲି ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି।

**ଆକର୍ଷଣରେ 'ଅଟଳ ବନ' ଓ ଯୁଦ୍ଧ ଟ୍ୟାଙ୍କ 'ଟି-୫୫', ଯୁଦ୍ଧ ବିମାନ 'ରାଫେଲ'**



ଆଜି ସରିବ ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ

## ସେଲ୍‌ଫି ପଏଣ୍ଟ, ଫୁଡ୍ କୋର୍ଟରେ ଗହଳି




ଭୁବନେଶ୍ୱର, ୧୦।୧(ସମିସ): ଏକାମ୍ର କାନନସ୍ଥିତ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ବଟାନିକାଲ ଗାର୍ଡେନଠାରେ ଆୟୋଜିତ ହେଉଥିବା ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ପୁଷ୍ପ ପ୍ରଦର୍ଶନୀରେ ବିଭିନ୍ନ ଭେରାଇଟ୍‌ର ଉଭୟ ଦେଶୀ ଓ ବିଦେଶୀ ଫୁଲ ଦେଖିବାକୁ ଏବଂ କିଣିବାକୁ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏଥିରେ ବିଭିନ୍ନ ନର୍ସରିମାନେ ମଧ୍ୟ ପ୍ରଦର୍ଶନୀରେ ଭାଗ ନେଇଥିଲେ। ଅନ୍ୟପଟେ ସମସ୍ତେ କିପରି ବଗିଚାଟିଏ ତିଆରି କରିବାକୁ ଆଗ୍ରହୀ ହେବେ ସେଥିପାଇଁ ସଚେତନତା କରାଯିବା ପାଇଁ ପ୍ରଦର୍ଶନୀରେ ବିଭିନ୍ନ ସଂସ୍ଥା ଏବଂ ଶିକ୍ଷା ଅନୁଷ୍ଠାନ ମଧ୍ୟ ଭାଗ ନେଇଥିଲେ। ଯେଉଁଥିରେ କିଛି ଶିକ୍ଷଣୀୟ ଏବଂ ପରିବେଶ ସଚେତନତାର ବିଷୟବସ୍ତୁ ମଧ୍ୟ ପରିଲକ୍ଷିତ ହୋଇଥିଲା। କିପରି ବର୍ତ୍ତମାନ ସମୟରେ ବିଭିନ୍ନ ଆପାଟମେଣ୍ଟରେ ବଗିଚା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସ୍ଥାନ ଦିଆଯାଇ ପାରିବ, ସେ ବିଷୟବସ୍ତୁ ନେଇ ମିନି ଗାର୍ଡେନ ପ୍ରଦର୍ଶିତ ହୋଇଥିଲା। ଏହା ସହ ବିଭିନ୍ନ ସେଲଫି ପଏଣ୍ଟରେ ଫଟୋ ଉଠାଇବା ପାଇଁ ଲୋକ ଗହଳି ପରିଲକ୍ଷିତ ହୋଇଛି। ଚଳିତ ବର୍ଷ ଏକାମ୍ର ପାର୍କର ପରିସରରେ ମୁଖ୍ୟ ଆକର୍ଷଣ ପାଲଟିବ ମ୍ୟୁଜିକାଲ ଫାଉଣ୍ଟେନ। ରବିବାର ଏହାର ଉଦିଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

ଏହି ପୁଷ୍ପ ପ୍ରଦର୍ଶନୀରେ ଫୁଡ଼ କୋର୍ଟରେ ମଧ୍ୟ ସବୁଠୁ ଅଧିକ ଗହଳି ପରିଲକ୍ଷିତ ହୋଇଥିଲା। ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟର ଷ୍ଟଲ ଏଥିରେ ରହିଥିଲା। ଯେଉଁଠି ଫାଷ୍ଟଫୁଡ, ଆଇସକ୍ରିମ, ବିରିଆନୀ ଆଦି ଖାଦ୍ୟ ଷ୍ଟଲ ପାଖରେ ଲୋକ ଗହଳି କରିଥିଲେ। ଅନ୍ୟତମ ଆକର୍ଷଣ ଭାବରେ ଟଙ୍କପାଣି ଲୋକଙ୍କୁ ବେଶ ଆକର୍ଷିତ କରିଥିଲା। ୨୦ ଟଙ୍କାରେ ଉପଲବ୍ଧ ହେଉଥିବା ଟଙ୍କପାଣି ପିଇବା ପାଇଁ ବେଶ୍ ଭିଡ ଜମାଇଥିଲେ।

## କଳାରାହାଙ୍ଗରେ 'ଦର୍ପଣ -୨୦୨୬'

ନନ୍ଦନକାନନ, ୧୦।୧(ସମିସ): ଉତ୍ତର ଭୁବନେଶ୍ୱର କଳାରାହାଙ୍ଗସ୍ଥିତ ଆର୍‌ଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକ ମହୋତ୍ସବ 'ଦର୍ପଣ -୨୦୨୬' ଶନିବାର ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ତୁଷାର ରଞ୍ଜନ ପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ ରାଜ୍ୟ ଚୟନବୋର୍ଡର ପୂର୍ବତନ ସମ୍ପାଦକ ଡକ୍ଟର ଧୀରେନ୍ଦ୍ର କୁମାର ମହାପାତ୍ର, ରାଜ୍ୟ ପାଇକ ସଙ୍ଘର ସଭାପତି ଡକ୍ଟର ପ୍ରକାଶ ଶ୍ରୀଚନ୍ଦନ, ଗଣେଶ ସାମନ୍ତ ଏବଂ ଅଭିନେତା ଜୀବନାନନ୍ଦ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁରଞ୍ଜିତା ବଡ଼ପଣ୍ଡା ଧନ୍ୟବାଦ ଦେଇଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



(ରଘୁନାଥ ପୁର, ମେଇନ ରୋଡ୍, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)
କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

✓ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

ଶୋକ ସନ୍ତପ୍ତ: ସାହୁ ପରିବାର
ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଚିକ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।



# ରାସ୍ତାମଝିରେ ଜଳିଗଲା ଚଳନ୍ତା 'ଆମ ବସ୍'

- ବଡ଼ ଦୁର୍ଘଟଣାରୁ ବର୍ତ୍ତିଲେ ୨୬ ଯାତ୍ରୀ
- ଆମ ବସ୍‌ର ଫିଟ୍‌ନେସ୍ ଯାଞ୍ଚ ନେଇ ପ୍ରଶ୍ନବାଚୀ

ଭୁବନେଶ୍ୱର, ୧୦।୧(ସମିସ): ଆମ ବସର ପିଛା ଛାଡୁନାହିଁ ବିପଦ। ଶନିବାର ସକାଳ ପ୍ରାୟ ସାଢେ ୬ଟା ବେଳେ କଳିଙ୍ଗ ଷ୍ଟୁଡିଓ ଛକରେ ଏକ ଚଳନ୍ତା ଆମ ବସ୍‌ରେ ରାସ୍ତାମଝିରେ ଜଳିଯାଇଛି। ତେବେ ବାଟୋଇଙ୍କ ଯୋଗୁଁ ବସ୍‌ରେ ୨୬ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।



ବସଟି ଯାଉଥିବା ବେଳେ ବ୍ୟାଟେରି ୟୁନିଟ୍‌ର ମୁଖ୍ୟ ବିଦ୍ୟୁତ୍ ତାରରୁ ସର୍ଟ ସର୍କିଟ ହୋଇ ଅଗ୍ନିକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବ୍ୟାଟେରି ୟୁନିଟ୍‌ରୁ ଧୂଆଁ ବାହାରିବା ବେଳେ ବସ୍ ଚାଳକ ଜାଣି ପାରିଥିଲେ। ତେଣୁ ତୁରନ୍ତ ଗାଡି ରଖି ଯାତ୍ରୀ ମାନଙ୍କୁ ଓହ୍ଲାଇ ଦେଇ ଧୂଆଁକୁ ଆୟତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଦୁଇଟି ଗାଡି ଆସି ନିଆଁକୁ ଆୟତ୍ତ କରିଥିଲେ। ତେବେ ଆମ ବସରେ ଅଗ୍ନିକାଣ୍ଡ ପରେ ବସର ଫିଟନେସକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ ଆମ ବସ୍ ରୁଟ୍ ନମ୍ବର୍ ୨୩ ଓଡି୦୫ଟି ୭୦୫୨ ଆମ ବସ ଭୁବନେଶ୍ୱର ରେଳ ଷ୍ଟେସନରୁ ଆଇଜିକେସି ହସ୍ପିଟାଲ ପର୍ଯ୍ୟନ୍ତ ପ୍ରଥମ ଟ୍ରିପ୍‌ରେ ଯାତ୍ରୀମାନଙ୍କୁ ନେଇ ଛାଡ଼ି ଦ୍ୱିତୀୟ ଟ୍ରିପରେ ଭୁବନେଶ୍ୱର ରେଳ ଷ୍ଟେସନ୍ ଫେରୁଥିଲେ। ଷ୍ଟୁଡିଓ ଛକ ଷ୍ଟପେଜ୍‌ରେ ବ୍ୟାଟେରୀ ୟୁନିଟ୍‌ରୁ ଧୂଆଁ ବାହାରୁଥିବାର ଚାଳକ ଜାଣିବାକୁ ପାଇଲେ। ତୁରନ୍ତ ବସ୍‌ରୁ ଓହ୍ଲାଇ ଯାତ୍ରୀମାନଙ୍କୁ ବାହାରକୁ ସ୍ଥାନାନ୍ତର କରିଥିଲେ। ପରେ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। ଫଳରେ ବସ୍‌ଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଅଗ୍ନି ଶମ ବାହିନୀକୁ ଆସି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥବା ବେଳେ ବସଟି ପୋଡ଼ିଯାଇଥିଲା। ଘଟଣାସ୍ଥଳରେ ଅଧିକ କିଛି ଦୁର୍ଘଟଣା ଘଟିବା ପୂର୍ବରୁ ଜରୁରିକାଳୀନ ସ୍ଥିତିରେ ଅନ୍ୟ ଏକ ବସ୍‌କୁ ୨୬ ଜଣ ଯାତ୍ରୀମାନଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା। ଆମ ବସ୍ କ୍ୟାପଟେନ ଏବଂ ଗାଇଡ୍ର ଅଘଟଣରୁ ଯାତ୍ରୀମାନଙ୍କୁ ବଞ୍ଚାଇଥିବାରୁ ସେମାନଙ୍କ ସାହସିକତା ଓ ଉପସ୍ଥିତ ବୁଦ୍ଧି ଯୋଗୁଁ କ୍ରୁଟ୍ ପକ୍ଷରୁ ସାବାସି ଜଣାଯାଇଛି।

ଏହି ଅଗ୍ନିକାଣ୍ଡ ପାଇଁ ସମ୍ପୃକ୍ତ ଅପରେଟରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ଏବଂ ଅନ୍ୟ ୩୦ଟି ପୁରୁଣା ବସ୍‌ର ତୁରନ୍ତ ଫିଟନେସ୍ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିସ୍ତୃତ ଭାବେ ଅଗ୍ନୀ ସଂଯୋଗର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବାକୁ ସ୍ଥାନୀୟ ମୋଟର ଯାନ ନିରୀକ୍ଷକ ଏବଂ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ବିଶେଷଜ୍ଞ ମତାମତ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି। ସେପରି ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କ୍ରୁଟ୍ ପକ୍ଷରୁ ଚଳାଚଳ ହେଉଥିବା ଭୁବନେଶ୍ୱର ପୁରୀ ଟ୍ରାନ୍ସପୋର୍ଟ ସର୍ଭିସେସ ଲିମିଟେଡର ୧୦/୧୨ ବର୍ଷର ପୁରୁଣା ରିଫର୍ବିସଡ୍ ଡିଜେଲ ବସ୍‌ଗୁଡ଼ିକୁ ହଟାଇ ୫୦ଟି ୭ ମିଟର ମିନି ଇ-ବସ୍ ଭୁବନେଶ୍ୱର ଏବଂ କଟକ ଜିଲ୍ଲାରେ ନିୟୋଜିତ କରାଯିବା ପାଇଁ ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚ ସ୍ତରୀୟ କମିଟିରେ ନିଷ୍ପତ୍ତି ନିଆଯାଇଛି। ହେଲେ ଏଠାରେ କଥା ଉଠୁଛି ଯେ ସପ୍ତାହ ହୋଇନାହିଁ ଆମ ବସ ଦୁର୍ଘଟଣାରେ ଏବେ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ ପୁଣି ଏକ ବସ୍‌ରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ କୈଣସି ଧନଜୀବନ ହାନି ହୋଇନାହିଁ କିନ୍ତୁ ଯଦି ସେହିଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା ହେବେ ଏହା ପାଇଁ ଦାୟୀ କିଏ ହୋଇଥାନ୍ତା ବୋଲି ଅନେକ ଯାତ୍ରୀ କହିଛନ୍ତି।

ସହରରେ ୧୭୦ଟି ଏସି ବସ୍ ଓ ୨୦୦ ପାଖାପାଖି ନନଏସି ବସ୍ ଚାଲୁଅଛି। ଏହି ବସ୍ ଗୁଡ଼ିକର ଫିଟ୍‌ନେସ ଠିକ୍ ଅଛି ନା ନାହିଁ ଏହି ଅଗ୍ନିକାଣ୍ଡ ପରି ଆଉ କେଉଁ ବସରେ ଯଦି ଅଗ୍ନିକାଣ୍ଡ ଘଟେ ତେବେ ଏଥିପାଇଁ କିଏ ଉତ୍ତର ଦାୟୀ ରହିବ ଏହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ କ୍ରୁଟ୍‌ର ଜଣେ ଅଧିକାରୀ କହୁନ୍ତି ଏହି ଘଟଣା ପରେ ସମସ୍ତ ବସ୍‌କୁ ଫିଟ୍‌ନେସ୍ ଯାଞ୍ଚ ପାଇଁ ଆରଟିଓକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ୨୪ ଘଣ୍ଟାରେ ୩ ଦୁର୍ଘଟଣା; ୨ ମୃତ

ଯାଁଳା, ୧୦।୧(ସମିସ): ଇନ୍‌ଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ଯାଁଳା ମଧ୍ୟରେ ଗତକାଲିଠାରୁ ଆଜି ମଧ୍ୟରେ ୨୪ ଘଣ୍ଟା ମଧ୍ୟରେ ୩ଟି ଦୁର୍ଘଟଣା ଘଟିଥିବା ବେଳେ ୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ଗୁରୁତର ଆହତ ହୋଇଛନ୍ତି। ଯାଁଳା ସର୍ଭିସ୍ ରାସ୍ତାରେ ଶୁକ୍ରବାର ବିଳମ୍ବିତ ରାତ୍ରରେ ବାହୁଡ଼ା ସ୍ୱାଇଁ (ଖୁକନ) ନାମକ ୩୭ ବର୍ଷୀୟ ଯୁବକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏନ୍‌ଏଚ୍ ୧୬ ସର୍ଭିସ୍ ରାସ୍ତାରେ ଏକ ଟ୍ରକ ଛିଡ଼ା ହୋଇଥିବା ଅବସ୍ଥାରେ ପଛପଟୁ ପିଟି ହୋଇଯାଇଥିଲେ। ଫଳରେ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ସହ ଛାତି ଏବଂ ପିଞ୍ଜରାରେ ଗୁରୁତର ଆଘାତ ହୋଇଥିଲା। ଇନ୍‌ଫୋଭ୍ୟଲି ଥାନା ପ୍ରଥମେ ଦୁର୍ଘଟଣା ଶିକାର ହୋଇଥିବା ଯୁବକଙ୍କୁ ଏମ୍ସ ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କ ଦେହ ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି, ଇନ୍‌ଫୋଭ୍ୟାଲି ଥାନା ଦୁର୍ଘଟଣା ସ୍ଥଳରୁ ଦୁଇ ଗାଡିକୁ ଜବତ କରିଛି। ସେହିଭଳି ଶୁକ୍ରବାର ସକାଳେ ମଧ ଗଙ୍ଗପଡ଼ା ଛକରେ ହାଇୱା ଧକ୍କାରେ ଜଣେ ସ୍କୁଟି ଆରୋହୀ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମୃତ ମହିଳା ହେଲେ ଲକ୍ଷ୍ମୀସାଗର ଅଞ୍ଚଳର ସୁସ୍ମିତା ରଣା (୩୫)। ଦୁର୍ଘଟଣାରେ ସୁସ୍ମିତାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ୫ ବର୍ଷ ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶୁକ୍ରବାର ସକାଳେ ମଧ୍ୟ ଅନ୍ୟ ଏକ ଦୁର୍ଘଟଣାରେ ୧୬ ନମ୍ବର ଜାତୀୟ ରାଜପଥର ଯାଁଳା ନିକଟରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ୩ ସୁନା ଚେନ୍ ଲୁଟେରା ଗିରଫ



ଭୁବନେଶ୍ୱର, ୧୦।୧ (ସମିସ): ସୁନା ଚେନ୍ ଛଡ଼ାଇ ନେଇଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁର ତାରିଣୀ ବସ୍ତିର ଆକାଶ ନାୟକ (୨୧) ଓ କମଳାକାନ୍ତ ଦାସ ଓରଫ୍ ବାବୁ (୨୧)। ଘଟଣାରେ ସମ୍ପୃକ୍ତ ନାବାଳକକୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି) ରେ ହାଜର କରାଯାଇଛି।

ପୁଲିସ ସୂଚନାନୁଯାୟୀ, କଳିଙ୍ଗନଗର କେ୪ ଅଞ୍ଚଳର ଉମାକାନ୍ତ ଜୟସିଂହଙ୍କ ଶାଶୁ ପ୍ରାତଃ ଭ୍ରମଣରେ ଯାଉଥିଲେ। ସେହି ସମୟରେ ଆକାଶ, ବାବୁ ଓ ନାବାଳକ ଏକ ବାଇକରେ ଆସି ତାଙ୍କ ବେକରୁ ସୁନା ମଙ୍ଗଳସୂତ୍ର ଛଡ଼ାଇ ନେଇ ପଳାଇଥିଲେ। ଶ୍ରୀ ଜୟସିଂହ ଏନେଇ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଭରତପୁରର ଶିବ ମନ୍ଦିର ନିକଟରୁ ଆକାଶ, ବାବୁ ଓ ନାବାଳକକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ସୁନା ଚେନ୍, ଗୋଟିଏ ପଲସର ବାଇକ, ୨ଟି କେଏଟିଏମ୍ ବାଇକ୍ ଓ ଦୁଇଟି ମୋବାଇଲ ଫୋନ୍ ଜବତ କରିଥିଲା।

## ସର୍ଟସର୍କିଟରୁ ଘରପୋଡ଼ି ଛାରଖାର



ହଂସପାଳ, ୧୦।୧(ସମିସ): ପାହାଳ ଥାନା ଅଧୀନ ଜଗନ୍ନାଥପୁର ପଞ୍ଚାୟତ ଜୟର ଶାସନ ବସ୍ତିରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୨ ଜଣଙ୍କ ଘର ଛାରଖାର ହୋଇଯାଇଛି। କାଲମ ଖାଁ ଓ ସଲିମ ଖାଁ ଙ୍କ ଘରେ ହଠାତ୍ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଲା। ସୂଚନା ଅନୁସାରେ ସର୍ଟସର୍କିଟ ଯୋଗୁଁ ପ୍ରଥମେ କାଲମ ଖାଁଙ୍କ ଘରେ ନିଆଁ ଲାଗିଯାଇଥିଲା। ପରେ ସଲିମ୍ ଖାଁଙ୍କ ଘରେ ନିଆଁ ଲାଗି ଯାଇଥିଲା। ଫଳରେ ଘରେ ରଖିଥିବା ଦୋକାନ ସାମଗ୍ରୀ ଫୋଡ଼ି ଗଦି ଜଳିବା ସହ ବାଇକ୍, ସ୍କୁଟି, ଲକ୍ଷାଧିକ ଟଙ୍କାର ଆସବାପତ୍ର ଏବଂ ୨ ବଖରା ଘର ସମ୍ପୂର୍ଣ୍ଣ ଜଳି ପୋଡ଼ି ନଷ୍ଟ ହୋଇଯାଇଥିଲା। ନିଆଁ ଲିଭାଇବା ସମୟରେ ଜଣେ ସ୍ଥାନୀୟ ଯୁବକ ନିଆଁ ଲାଗି ଆହତ ହୋଇଥିଲେ। ଖବର ପାଇ ପାହାଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଜଗନ୍ନାଥ ପୁର ସରପଞ୍ଚ ବିଶ୍ୱଜିତ୍ ଭୋଇ, ୧୬ ନମ୍ବର୍ ବିଜେଡି ଜିଲ୍ଲାପରିଷଦ ମହେଶ୍ୱର ଦାସ, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ସଙ୍ଗେ ସଙ୍ଗେ ପହଞ୍ଚି ସାହାର୍ଯ୍ୟ ସହଯୋଗ ର ହାତ ବଢ଼ାଇବା ସହ ପ୍ରଶାସନିକ ଅଧିକାରୀଙ୍କୁ ଘଟଣା ବିଷୟରେ ଅବଗତ କରାଇଥିଲେ।

## ଖଣ୍ଡାରେ ଜନ୍ମଦିନ କେକ୍ କାଟି ୪ ଗିରଫ

- ସର୍ବସାଧାରଣ ସ୍ଥାନରେ ରଚିଥିଲେ ଆତଙ୍କ
- ପୂର୍ବରୁ ବି ଗିରଫ ହୋଇଥିଲେ ଅଭିଯୁକ୍ତ

ଭୁବନେଶ୍ୱର, ୧୦।୧(ସମିସ): ମହଙ୍ଗା ପଡ଼ିଲା ଖଣ୍ଡାରେ ଜନ୍ମଦିନ କେକ୍ କାଟିବା। ହତ୍ୟାକାଣ୍ଡ ମାମଲାରେ ଜେଲ ଯାଇଥିବା ଅଭିଯୁକ୍ତ ଏବେ ଖଣ୍ଡାରେ କେକ୍‌କାଟି ପୁଣିଥରେ ଗିରଫ ହୋଇଛନ୍ତି। ଏଭଳି ଏକ ଘଟଣା ଘଟିଛି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ। ଉତ୍ପାତ କରିବା ଖଣ୍ଡାରେ କେକ୍ କାଟି ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନିରଞ୍ଜନ ନାୟକ, ଗଗନ ନାୟକ, ସୋମନାଥ ସିଂ ଓ ପ୍ରତ୍ୟୁଷ ପାଟଶାଣୀ। ଏମାନଙ୍କ ଠାରୁ ଏକ ଖଣ୍ଡା ଜବତ ହୋଇଛି।



ପୁଲିସ ସୂଚନା ମୁତାବକ, ଏସଆଇ ଜଗନ୍ନାଥ ନାୟକ ଓ ତାଙ୍କର ଟିମ ଲକ୍ଷ୍ମୀସାଗର ବିଡିଏ କଲୋନୀ ଏବଂ ଥାନା ପରିସରଭୁକ୍ତ ଅଞ୍ଚଳରେ ସନ୍ଧ୍ୟା ପାଟ୍ରୋଲିଂ ଡ୍ୟୁଟିରେ ଥିଲେ। ଏହି ସମୟରେ କିଛି ଅସାମାଜିକ ଏବଂ ଉତ୍ପୀଡକ ବ୍ୟକ୍ତି ଲକ୍ଷ୍ମୀସାଗର ହାଇସ୍କୁଲ ସୀମା ନିକଟରେ ବେଆଇନ ଭାବରେ ଏକତ୍ରିତ ହୋଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସେମାନେ ଏକ ଲମ୍ବା ଖଣ୍ଡା ସହିତ କେକ୍ କାଟି ଏକ ଜନ୍ମଦିନ ପାଳନ କରିଥିଲେ। ଧମକପୂର୍ଣ୍ଣ ଭାବରେ ଖଣ୍ଡା ଦେଖାଇ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ କରିବା ସହ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ। ଏକ ସାର୍ବଜନୀନ ସ୍ଥାନରେ ଜୋରରେ ଅଶାନ୍ତ ଶବ୍ଦ ସୃଷ୍ଟି କରିଥିଲେ। ଅଭିଯୁକ୍ତମାନେ ଘଟଣାକୁ ରେକର୍ଡ କରି ସୋସିଆଲ ମିଡିଆରେ ଅପଲୋଡ୍ କରି ହିଂସାକୁ ପ୍ରଶଂସା କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥିଲେ।

ଅଭିଯୁକ୍ତମାନଙ୍କ ମଧ୍ୟରୁ କିଛି ଅଭ୍ୟାସଗତ ଅପରାଧୀ ଯାହାଙ୍କର ପୂର୍ବରୁ ଅପରାଧିକ ପୂର୍ବ ସ୍ଥିତି ଅଛି। ସେମାନେ ସଂଗଠିତ ଅପରାଧିକ କାର୍ଯ୍ୟକଳାପରେ ଜଡିତ, ଯାହା ସାର୍ବଜନୀନ ଶାନ୍ତି ଏବଂ ଶୃଙ୍ଖଳା ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରୁଛି। ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଘଟଣାସ୍ଥଳରେ ଚଢାଉ କରାଯାଇଥିଲା। ୪ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କର ହେପାଜତରୁ ଏକ ଖଣ୍ଡା ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ଯାଞ୍ଚ ପରେ ସେମାନେ ଅପରାଧ ସ୍ୱୀକାର କରିଛନ୍ତି।

## ଖଣ୍ଡାରେ ଆକ୍ରମଣ ଉଦ୍ୟମ; ଅଭିଯୁକ୍ତ ଗିରଫ



ଭୁବନେଶ୍ୱର, ୧୦।୧(ସମିସ): ଖଣ୍ଡାରେ ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆଗାଁର ଚିନ୍ମୟ ମୁଦୁଲି (୨୩)। ପୁଲିସ ସୂଚନାନୁସାରେ, ନୂଆଗାଁର ମାଧବ ବେହେରା ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଭାଇ ସମରେଶ ପ୍ରସାଦ ବେହେରା, ଭଣଜା ରୁଦ୍ର ବେହେରା ଓ ବନ୍ଧୁ ଜ୍ୟୋତି ରଞ୍ଜନ ସାହୁ ତାଙ୍କୁ ଖୋଜିବାକୁ ମାଷ୍ଟରକ୍ୟାଣ୍ଟିନ ଆଡ଼କୁ ଯାଇଥିଲେ। ରାତି ପ୍ରାୟ ୧୨ଟା ୩୦ରେ ଭାଇଙ୍କୁ ନପାଇ ଘରକୁ ଫେରୁଥିଲେ। ନୂଆଗାଁ ଛକରେ ଚିନ୍ମୟ ସେମାନଙ୍କୁ ଅଟକାଇ ଗାଳିଗୁଲଜ କରିଥିଲା। ବିରୋଧ କରିବାରୁ ଖଣ୍ଡା ବାହାର କରି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ସେମାନେ କୌଶଳକ୍ରମେ ଚିନ୍ମୟକୁ ଆୟତ କରିବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଥାନାକୁ ଉଠାଇ ନେବା ସହ ଖଣ୍ଡା ଜବତ କରିଥିଲା। ସମରେଶଙ୍କ ଅଭିଯୋଗ କ୍ରମେ ଚିନ୍ମୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବର୍ଷ ଆରମ୍ଭରୁ ଅପରାଧ ଉପରମୁହାଁ

- ବିଜେବି ନଗର, ପଳାଶୁଣିରେ ସିନ୍ଧିଚୋର ଆତଙ୍କ
- ମଞ୍ଚେଶ୍ୱରରୁ ସୁନାଚେନ୍ ଛଡ଼ାଇଲେ
- ପିସିଆର ଭ୍ୟାନରୁ ମୋବାଇଲ ନେଇଗଲେ

ଭୁବନେଶ୍ୱର, ୧୦।୧ (ସମିସ): ଜାନୁୟାରୀ ୫ ଦିନ ୩ଟା। ସପ୍ତସତୀ ନଗରର କବିତା ମିଶ୍ର ତାଙ୍କ ପୁଅଙ୍କ ସହ ସ୍କୁଟିରେ ଯାଉଥିଲେ। ମଞ୍ଚେଶ୍ୱର ଥାନା ସତ୍ୟ ବିହାର କେନାଲ ରୋଡରେ ଦୁଇ ଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇଥିଲେ। କବିତା ଚିତ୍କାର କରିବା ବେଳକୁ ସେମାନେ ଅପରପାର୍ଶ୍ୱ କେନାଲ ରୋଡରେ ଫେରାର ହୋଇ ଯାଇଥିଲେ। ଏନେଇ ସେ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ। ସେହିପରି କଟକ ସଦର ଥାନା ଗୋପାଳପୁରର ଅଜୟ କୁମାର ସାହୁ ନୂଆବର୍ଷ ଦିନ ଇସ୍କନ ମନ୍ଦିରକୁ ଆସିଥିଲେ। କାଉଣ୍ଟରରୁ ପ୍ରସାଦ କିଣୁଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ପ୍ୟାଣ୍ଟ ପଛ ପକେଟରୁ ୧୦ ହଜାର ଟଙ୍କା ଓ ସୁନା ଚେନ୍ ଚୋରିକରି ନେଇଥିଲା। ଅଜୟଙ୍କ ଅଭିଯୋଗକ୍ରମେ ନୂଆପଲ୍ଲୀ ଥାନା ପୁଲିସ ମାମଲା ରୁଜୁ କରିଛି। କେବଳ ଏମିତି ନୁହେଁ, ରାଜଧାନୀରେ ବର୍ଷ ଆରମ୍ଭରୁ ଅପରାଧୀଙ୍କ ଉତ୍ପାତ ଦେଖିବାକୁ ମିଳିଲାଣି। କେଉଁଠି ଘର ତାଲା ଭାଙ୍ଗି ଚୋରି କରୁଛନ୍ତି ତ ଆଉ କେଉଁଠି ଘର ଲୋକଙ୍କୁ ତାଲା ପକାଇ କଳାକନା ବୁଲାଉଛନ୍ତି। ସ୍ଥିତି ଏମିତି ହେଲାଣି ଯେ, ଭୁବନେଶ୍ୱର ଏବେ ବାଇକ୍ ଚୋରଙ୍କ ଭୂସ୍ୱର୍ଗ ପାଲଟିଗଲାଣି। ସବୁଠାରୁ ସାଙ୍ଘାତିକ କଥାଟି ହେଉଛି, ଲୋକଙ୍କୁ ସୁରକ୍ଷା ଦେଉଥିବା ପିସିଆର ଭ୍ୟାଟଟି ମଧ୍ୟ ଅପରାଧୀଙ୍କ କବଳରୁ ବାଦ୍ ପଡ଼ିନାହିଁ।

୨୨ ବର୍ଷୀୟା ନିତାଲି ରାଉତ ତାଙ୍କ ଅଜା ଓ ଆଇଙ୍କ ସହ ବଡ଼ଗଡ଼ ହରିହର ହାଇସ୍କୁଲ ନିକଟରେ ରୁହନ୍ତି। ଦ୍ୱିତୀୟ ମହଲା ଭଡ଼ାରେ ଲାଗିଥିବା ବେଳେ ପ୍ରଥମ ମହଲାରେ ଜିନିଷପତ୍ର ରଖି ନିଜେ ତଳ ମହଲାରେ ରହୁଛନ୍ତି। ସବୁଦିନ ଭଳି ରାତିରେ ଖାଇପିଇ ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତଳ ଓ ଦ୍ୱିତୀୟ ମହଲା ଘରର ମୁଖ୍ୟ ଦ୍ୱାରକୁ ତାଲା ପକାଇ ଦେଇଥିଲେ। ମାଲିକ ଓ ଭଡ଼ାଟିଆଙ୍କୁ ଏକପ୍ରକାର ବନ୍ଦୀ କରି ଦ୍ୱିତୀୟ ମହଲାରେ କଳାକନା ବୁଲାଇଥିଲେ। ଘର ଭିତର ଆଲମିରାରୁ ସୁନା ହାର, ୨ଟି ସୁନା ବାହୁଟି, ସୁନା ଚେନ୍ ୨ଟି, ୩ଟା ସୁନା ମୁଦି, ରୁପା ପାଉଁଜି ଓ ନଗଦ ଦେଢ଼ ଲକ୍ଷ ଟଙ୍କା ଚୋରି କରି ନେଇଥିଲେ। ଭୋରରୁ ଉଠିବା ବେଳକୁ ବାହାରୁ କବାଟ ବନ୍ଦ ଥିବା ଦେଖି ଭଡ଼ାଟିଆଙ୍କୁ ଫୋନ୍ କରିଥିଲେ। ହେଲେ ସେମାନଙ୍କ ଅବସ୍ଥା ମଧ୍ୟ ସମାନ ବୋଲି ଜାଣିବା ପରେ ବାଡ଼ିପଟ କବାଟ ଦେଇ ବାହାରକୁ ଆସିଥିଲେ। ଉପୋରକ୍ତ ସୁନା ଓ ଟଙ୍କା ଚୋରି ନେଇ ବଡ଼ଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ସପ୍ତସତୀ ନଗରର ହରପ୍ରିୟା ଦାଶ ସନ୍ଧ୍ୟା ୬ଟାରେ କୌଣସି କାମରେ ବାହାରକୁ ଯାଇ ୮ଟା ବେଳକୁ ଫେରିଥିଲେ। ଏହି ଦୁଇ ଘଣ୍ଟା ମଧ୍ୟରେ ଦୁର୍ବୃତ୍ତ କବାଟ ତାଲା ଭାଙ୍ଗି ଘର ଭିତରୁ ସୁନା ମୁଦି, ସୁନା ଚେନ, ଲାପଟପ୍ ଓ ନଗଦ ଟଙ୍କା ଚୋରି କରି ନେଇଥିଲେ। ଅଭିଯୋଗ ପରେ ମଞ୍ଚେଶ୍ୱର ପୁଲିସ ମାମଲା ରୁଜୁ କରିଛି।



ଜୟଦେବ ବିହାର ଓଭରବ୍ରିଜ ଉପରେ ଦୁର୍ଘଟଣା ହୋଇଥିବା ଖବରପାଇ ସହିଦନଗର ଥାନା ପିସିଆର୍ ୫ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ପଠାଇବା ସହ ଚଳାଚଳ ସ୍ୱଭାବିକ କରିଥିଲା। ଏତିକି ବେଳେ ପିସିଆର୍ ଭ୍ୟାନରୁ ମୋବାଇଲ ଚୋରି କରି ନେଇଥିଲେ ଦୁର୍ବୃତ୍ତ। ପିସିଆର ଚାଳକ ପ୍ରକାଶ ଚନ୍ଦ୍ର ଦାସ ସହିଦନଗର ଥାନାରେ ଏତଲା ଦେଇଛନ୍ତି। ସେପଟେ ଲୁଟେରା, ସିନ୍ଧି ଚୋରଙ୍କ ପରେ ବାଇକ୍ ଚୋର ମଧ୍ୟ ପଛରେ ପଡ଼ିନାହାନ୍ତି। ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ନିଜର ଦବଦବା ଦେଖାଇଛନ୍ତି। ପୁଲିସ ସୂତ୍ର କହୁଛି, ବର୍ଷର ପ୍ରଥମ ସପ୍ତାହରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ୧୫ରୁ ଅଧିକ ବାଇକ୍ ଚୋରି ହେଲାଣି। କେତେକ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ ମଧ୍ୟ କରିଛି। ମାତ୍ର ୧୦ ଦିନ ମଧ୍ୟରେ ରାଜଧାନୀର ବିଭିନ୍ନ ଥାନାରେ ମୋଟ ମାମଲା ସଂଖ୍ୟା ୩୦୦ ଟପିବା, ଅପରାଧ ଉପର ମୁହାଁ ହେଉଥିବା କଥାକୁ ସ୍ପଷ୍ଟ କରିଛି। ବର୍ଷ ଆରମ୍ଭରୁ ଅପରାଧୀଙ୍କ ଉତ୍ପାତ କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି।

## ହେଭେନ୍ସ ଗ୍ରୁପର ବାର୍ଷିକ ଉତ୍ସବ 'ଗୀତ ଗୀତିକା'

ଭୁବନେଶ୍ୱର, ୧୦।୧(ସମିସ): ହେଭେନ୍ସ ଗ୍ରୁପର ୧୫ ତମ ବାର୍ଷିକ ଉତ୍ସବ 'ଗୀତ ଗୀତିକା' ଜୟଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଲୋକପ୍ରିୟ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ପ୍ରଣବ ଜ୍ୟୋତି ନାଥ, ସୁଶାନ୍ତ ପଣ୍ଡା, ସ୍ମରଣିକା ନାୟକ, ଶ୍ରୀନିବାସ ରାଓ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଦିଲ କିୟା କରେ, କୋଇ ସାଗର ଦିଲ କୋ, କାହା ପାଦ ଶବଦରେ ନିଦ ଭାଙ୍ଗିଗଲା, ଫେରିଆ ଫେରିଆ ଶାରୀ, ଏକ ପ୍ୟାର କା ନଗମା ହେ.. ଆଦି କ୍ଲାସିକ ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ର ଗୀତଗୁଡ଼ିକ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପୁଲିସ ଡ. ସତ୍ୟଜିତ ମହାନ୍ତି, ଡ ଲଳିତ ଦାସ, ହେବେନ୍ସ ଗ୍ରୁପର ସଭାପତି ବିଜୟକୁମାର ପଟ୍ଟନାୟକ, ଆଦ୍ୟାଶା ଦାସ, ପରିଚାଳକ ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୁଲସନ ନଦିମ ପରିଚାଳନା କରିଥିଲେ।







# ମହାକାଶକୁ ଯିବ ଓଡ଼ିଶା ନିର୍ମିତ ପ୍ରଥମ ଉପଗ୍ରହ

## ୧୨ରେ ଶ୍ରୀହରିକୋଟାରୁ ଉତ୍କ୍ଷେପଣ

ଭୁବନେଶ୍ୱର, ୧୦ ।୧(ସମିସ): ଆସନ୍ତା ୧୨ ତାରିଖରେ ଆନ୍ଧ୍ର ଶ୍ରୀହରିକୋଟାରୁ ଅନ୍ତରୀକ୍ଷକୁ ଉତକ୍ଷେପଣ ହେବ ପିଏସଏଲଭି ସି-୬୨ ରକେଟ୍। ସିଜିୟୁଏସ୍ଏଟି-୧ ଉପଗ୍ରହକୁ ଅନ୍ତରୀକ୍ଷରେ ସ୍ଥାପିତ କରିବ। ଏହି ଅତ୍ୟାଧୁନିକ ଉପଗ୍ରହକୁ ନିର୍ମାଣ କରିଛି ଭୁବନେଶ୍ୱରସ୍ଥିତ ସିଭି ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ। ଜରୁରୀକାଳୀନ ପରିସ୍ଥିତି ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯୋଗାଯୋଗର ପ୍ରମୁଖ ମାଧ୍ୟମ ସାଜିବ। ବିଶ୍ୱବିଦ୍ୟାଳୟର ଏହି ସଫଳତା ଅନ୍ତରୀକ୍ଷ କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ନୂତନ ଇତିହାସ ସୃଷ୍ଟି କରିବାକୁ ଯାଉଛି।

ଏହି ଉପଗ୍ରହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜରୁରୀ ବାର୍ତ୍ତା ପ୍ରଦାନ କରିବ। ବିଶେଷକରି ଯେଉଁ ସମୟରେ କୌଣସି ଯୋଗାଯୋଗର ମାଧ୍ୟମ କାମ କରୁନଥିବ, ସେତେବେଳେ ମଧ୍ୟ ସିଜିୟୁଏସ୍ଏଟି-୧ ଉପଗ୍ରହ ତଥ୍ୟ ପ୍ରେରଣ କରିବ। ବାତ୍ୟା, ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାର ଏହାକୁ ବାର୍ତ୍ତା ଯୋଗାଯୋଗର ଏକ ବଳିଷ୍ଠ ମାଧ୍ୟମ ଭାବେ ବ୍ୟବହାର କରିପାରିବେ। ଉପଗ୍ରହର ଗ୍ରାଉଣ୍ଡ ଷ୍ଟେସନ ସଂରକ୍ଷକ ସୌମ୍ୟା ମିଶ୍ରଙ୍କ ସୂଚନା ଅନୁଯାୟୀ, ଲିଓ ଅର୍ବିଟ୍‌ରେ ଉପଗ୍ରହ ଅବତରଣ କରିବା ପରେ ସାରା ବିଶ୍ୱ ଉପରେ ଘୂରିବ। ଯେତେବେଳେ ଭୁବନେଶ୍ୱର ଉପରକୁ ଆସିବ, ସେତେବେଳେ ସର୍ବାଧିକ ସିଗନାଲ ମିଳିବ। ଫଳରେ ଏହା ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସନ୍ଦେଶ ପ୍ରଦାନ କରିବା ସହଜ ହେବ। ବିଶ୍ୱବିଦ୍ୟାଳୟର ୧୧ ଶିକ୍ଷକ ଓ ୨୦ ଛାତ୍ରଙ୍କ ଏକ ମିଳିତ ଦଳ ଏହି ସଫଳତା ପାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ବିଭାଗ ଖୋଲାଯାଇ ଛାତ୍ରଛାତ୍ରୀଙ୍କୁ ନିଜସ୍ୱ ସ୍ୟାଟେଲାଇଟ୍ ନିର୍ମାଣ, ଟ୍ରାକିଂ, ଇମେଜ୍ ପ୍ରୋସେସିଂ ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ପ୍ରଶିକ୍ଷଣ ଆରମ୍ଭର ମାତ୍ର ବର୍ଷେ ମଧ୍ୟରେ ଏହି ଉପଗ୍ରହକୁ ନିର୍ମାଣ କରାଯାଇଥିବା ବିଶ୍ୱବିଦ୍ୟାଳୟର ଉପଦେଷ୍ଟା ପ୍ରଫେସର ସୁନୀଲ ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପାତ୍ରପଡ଼ା ଔଷଧୀୟ ବୃକ୍ଷ ଜ୍ଞାନକେନ୍ଦ୍ର ପୁରସ୍କୃତ



ଭୁବନେଶ୍ୱର, ୧୦ ।୧(ସମିସ): ଆଞ୍ଚଳିକ ଉଦ୍ଭିଦ ସମ୍ପଦ ଗବେଷଣା କେନ୍ଦ୍ର ଠାରେ ୩୭ତମ ରାଜ୍ୟସ୍ତରୀୟପୁଷ୍ପପ୍ରଦର୍ଶନୀରଦ୍ୱିତୀୟଦିନଅବସରରେପାତ୍ରପଡ଼ାଔଷଧୀୟବୃକ୍ଷଜ୍ଞାନକେନ୍ଦ୍ରକୁ ଲାର୍ଜ ଗାର୍ଡ଼େନ୍‌ରେ ପ୍ରଥମ, ସ୍ମଲ୍ ଗାର୍ଡ଼େନ୍‌ରେ ପ୍ରଥମ, ସ୍ମଲ୍ ନର୍ସରୀରେ ଦ୍ୱିତୀୟ, ବୈଦ୍ୟରାଜ ଲକ୍ଷ୍ମଣ ମିଶ୍ର ସ୍ମାରକ ଟ୍ରଫି, ଔଷଧୀୟ ବୃକ୍ଷ ଶିକ୍ଷା ଓ ରିସର୍ଚ୍ଚ ନିମନ୍ତେ ଆରପିଆରସି ଟ୍ରଫି ପ୍ରଦାନ କରାଯାଇଛି। ଏହି ପୁଷ୍ପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ଲାଣ୍ଟ ଲଭରସ୍ ଆସୋସିଏସନ୍‌ର ସଭାପତି ଶ୍ରୀ ପଟ୍ଟନାୟକଙ୍କ ଠାରୁ ୯ଟି ପୁରସ୍କାର ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ବନପାଳ ସମୀର ବେହେରା, ପ୍ରମୋଦ ସିଂ ଗ୍ରହଣ କରିଛନ୍ତି।

## ବିମାନବନ୍ଦର ରନ୍‌ୱେ ନିକଟସ୍ଥ ପଡ଼ିଆରେ ଭୟାବହ ଅଗ୍ନିକାଣ୍ଡ



ଭୁବନେଶ୍ୱର, ୧୦।୧(ସମିସ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ରନ୍‌ୱେ ନିକଟସ୍ଥ ପଡ଼ିଆରେ ଭୟାବହ ଅଗ୍ନିକାଣ୍ଡ। ଶୁଖିଲା ଘାସ ହୁତୁ ହୁତୁ ହୋଇ ଜଳିଗଲା। ବହୁ ସମୟ ଧରି ନିଆଁ ଜଳିଥିଲା। ଯାହାକୁ ଆୟତ୍ତ କରିବାକୁ ଅଗ୍ନିଶମ ବିଭାଗ ନାକେଦମ୍ ହୋଇ ଯାଇଥିଲା। ବିମାନବନ୍ଦରରେ ପାର୍କିଂ ହୋଇଥିବା ବିମାନ ଗୁଡ଼ିକର କୌଣସି କ୍ଷୟକ୍ଷତି ହୋଇ ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରି ନାହିଁ। ମିଳିଥିବା ସୂଚନା ମୁତାବକ, ଶନିବାର ସକାଳ ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ଚାହୁଁ ଚାହୁଁ ନିଆଁ ବ୍ୟାପିବାକୁ ଲାଗିଥିଲା। ଆକାଶ କିଛି ସମୟ ପାଇଁ ଧୂଆଁ ଧୂଆଁ ହୋଇ ଯାଇଥିଲା। ବିମାନବନ୍ଦର ପରିସର ମଧ୍ୟରେ ଏପରି ଅଗ୍ନିକାଣ୍ଡ ଦେଖି ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ତେବେ କର୍ମଚାରୀଙ୍କ ଅସାବଧାନତା ଯୋଗୁଁ ବିମାନବନ୍ଦର ରନୱେ ପଡ଼ିଆ ନିକଟରେ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି।

## କିମ୍ସରେ ଏଏପିଆଇ ଗ୍ଲୋବାଲ୍ ହେଲ୍‌ଥକେୟାର ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧୦ ।୧(ସମିସ): ଆମେରିକାନ ଆସୋସିଏସନ ଅଫ୍ ଇଣ୍ଡିଆନ ଅରିଜିନ (ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ-ଏଏପିଆଇ) ପକ୍ଷରୁ କିମ୍ସରେ ୧୯ତମ ଗ୍ଲୋବାଲ୍ ହେଲ୍‌ଥକେୟାର ସମ୍ମିଳନୀ-୨୦୨୬ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜାନୁଆରୀ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ୧୧୦ରୁ ଉର୍ଦ୍ଧ୍ୱ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଯୋଗ ଦେଇଛନ୍ତି। ପ୍ରଥମ ଥର ପାଇଁ ଓଡିଶାର କିମ୍ସରେ ଏଭଳି ସମ୍ମିଳନୀ ଆୟୋଜିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା ଆଭାସୀ ମାଧ୍ୟମରେ ଯୋଗଦେଇ ଭାରତୀୟ ବଂଶୋଦ୍ଭବ ଡାକ୍ତରମାନେ ଆମେରିକାରେ ଆଧୁନିକ ସ୍ୱାସ୍ଥ୍ୟସେବା ସଂଗଠନ କରିବା ସହିତ ଦୟା, ଶୃଙ୍ଖଳା ଏବଂ ବୃତ୍ତିଗତ ଉତ୍କର୍ଷତା ମାଧ୍ୟମରେ ଗଭୀର ଓ ସ୍ଥାୟୀ ବିଶ୍ୱ ପ୍ରଭାବ ସୃଷ୍ଟି କରିପାରିଛନ୍ତି ବୋଲି କହିଛନ୍ତି।

କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଡାକ୍ତରମାନଙ୍କ ଏଭଳି ବିଶ୍ୱସ୍ତରୀୟ ସମାବେଶ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏଏପିଆଇ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ସାମନ୍ତ କହିଲେ, ଏଏପିଆଇ ଆମେରିକାରେ କାର୍ଯ୍ୟ କରୁଥିବା ଏକ ଲକ୍ଷରୁ ଅଧିକ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କୁ ପ୍ରତିନିଧିତ୍ୱ କରୁଛି। ଏହା ବ୍ୟତୀତ ସେ ନିରନ୍ତର ଶୈକ୍ଷିକ ସହଯୋଗ, ଗବେଷଣା, ଜ୍ଞାନ ବିନିମୟ ଓ ଦକ୍ଷତା ନିର୍ମାଣ ମାଧ୍ୟମରେ ଭାରତ ଓ ଆମେରିକା ମଧ୍ୟରେ ଏକ ଏଏପିଆଇର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଏହି ଅବସରରେ ଶ୍ରୀ ସାମନ୍ତଙ୍କୁ ଏଏପିଆଇ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଏପିଆଇ ସଭାପତି ତଥା ଏଏପିଆଇ ଜିଏଚଏସ୍ ଅଧ୍ୟକ୍ଷ ଡା. ଅମିତ ଚକ୍ରବର୍ତ୍ତୀ ଯୋଗଦେଇ କହିଛନ୍ତି, ଏଏପିଆଇ ହେଉଛି ଆମେରିକାର ଦ୍ୱିତୀୟ ସର୍ବବୃହତ ଚିକିତ୍ସା ସଂଗଠନ। କିମ୍ସରେ ଏହି ସମ୍ମିଳନୀ ଆୟୋଜନ କରିବା ଦ୍ୱାରା କିଟ୍ ଓ କିମ୍ସର ବିଶ୍ୱସ୍ତରୀୟ ଶିକ୍ଷାଗତ ଓ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ପରିଦର୍ଶନ କରିବା ସହ ପ୍ରତିନିଧିମାନେ ଓଡିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ବିଷୟରେ ଅଭିଜ୍ଞତା ଲାଭ କରିବେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଫିଜିସିଆନ୍ସ ଅଫ୍ ଆମେରିକାର ସଭାପତି ଡା. ଅତଶୁ ନାୟକ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡ. ଆର.ସି ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ କିମ୍ସ ମହାନିର୍ଦ୍ଦେଶକ ଡା. ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମଇ) ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଚାଳିତ କ୍ଲିନିକାଲ୍ ଇନ୍‌ସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ ଆଦି ଉପରେ ଆଲୋଚନା କରାଯାଉଛି।

## ସିଫା ପକ୍ଷରୁ 'ତେଜ୍' ଉଦ୍‌ଯାପିତ

● କ୍ରୀଡ଼ା ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଅତ୍ୟନ୍ତ ଅତ୍ୟାବଶ୍ୟକ




ଭୁବନେଶ୍ୱର, ୧୦ ।୧(ସମିସ): କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର ସିଫା ପକ୍ଷରୁ ଆୟୋଜିତ ଆଇସିଏଆର୍ ପୂର୍ବମଣ୍ଡଳ କ୍ରୀଡ଼ା ସମାବେଶ 'ତେଜ୍୨୦୨୫' କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଯାପିତ ହୋଇଯାଇଛି। ଚାରିଦିନିଆ ଏହି କ୍ରୀଡ଼ା ସମାବେଶରେ ଉତ୍ତରପୂର୍ବ ଭାରତରେ ଅବସ୍ଥିତ ଆଇସିଏଆର୍ ଅନ୍ତର୍ଗତ ୨୪ଟି ପ୍ରତିଷ୍ଠାନରୁ ୭୨୨ ଜଣ କ୍ରୀଡ଼ାବିତ୍ ୩୯ଟି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ ଅଧ୍ୟକ୍ଷତା କରି କ୍ରୀଡ଼ାବିତ୍‌ମାନଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ କ୍ରୀଡ଼ା ସହଯୋଗ, ସକରାତ୍ମକ କାର୍ଯ୍ୟ ସଂସ୍କୃତି ଓ ସାଂଗଠନିକ ଉତ୍କର୍ଷରେ ଗୁରୁତ୍ୱ ରହିଛି ବୋଲି କହିଥିଲେ। ଏହି ପ୍ରତିଯୋଗିତାରେ କଟକସ୍ଥିତ ସିଆର୍‌ଆର୍‌ଆଇ ସାମଗ୍ରିକ ଜୋନାଲ ଚାମ୍ପିଅନ୍‌ସିପ୍ ହାସଲ କରିଥିବାବେଳେ ଆଇସିଏଆର୍ ମୁଖ୍ୟାଳୟ, ନୂଆଦିଲ୍ଲୀ ରନର୍ସଅପ୍ ହୋଇଛି। ସିଆର୍‌ଆର୍‌ଆଇର ଅମିତ୍ କୁମାର ଦାସ ପୁରୁଷ ବର୍ଗରେ ଓ ନୁପୁର ଚୌଧୁରୀ ମହିଳା ବର୍ଗରେ ଶ୍ରେଷ୍ଠ ଆଥଲେଟ୍ ଘୋଷିତ ହୋଇଛନ୍ତି।

## 'କେଳୁଚରଣ-କୀର୍ତ୍ତି-ଶତକମ୍'ର ଉଦ୍‌ଯାପିତ

ଭୁବନେଶ୍ୱର, ୧୦ ।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ମିଳିତ ସହଯୋଗରେ ତିନିଦିନ ଧରି ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହେଉଥିବା 'କେଳୁଚରଣ-କୀର୍ତ୍ତି-ଶତକମ୍'ର ଉଦଯାପିତ ହୋଇଯାଇଛି। ଏହି ଅବସରରେ ବାଲୁକା କଳା, ଫଟୋ ପ୍ରଦର୍ଶନୀ ଏବଂ ବିଭିନ୍ନ ସ୍ଥାନରେ ଗୁରୁଜୀଙ୍କ ଜୀବନ ଏବଂ ସମୟ ବିଷୟରେ ସୂଚନାପ୍ରଦ ଚିତ୍ର ସହିତ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ଅଧିବେଶନରେ ବରିଷ୍ଠ ଓଡ଼ିଶୀ ନୃତ୍ୟାଙ୍ଗନା ଶାରୋନ ଲୋୱେନ, ମୁକ୍ତିଲତା ପାଲ, ସିକତା ଦାସ, ଝେଲମ ପରାଞ୍ଜପେ, ଶୁଭଦା ଭାରଡକର, ଶର୍ମିଳା ମୁଖାର୍ଜୀ, ସୃଜନର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଳିତ, ପ୍ରଖ୍ୟାତ ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁ ପ୍ରମୁଖଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ଆଦି ପରିବେଷିତ ହୋଇଥିଲା। ଅଧିବେଶନ ଶେଷରେ କୁମକୁମ ମହାନ୍ତି ଦର୍ଶକମାନଙ୍କୁ ତାଙ୍କ ଅଭିଜ୍ଞତା ସହିତ ସ୍ମୃତିକୁ ପୁନଃପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ସନ୍ଧ୍ୟା ଅଧିବେସନରେ ଶ୍ରୀମତୀ ଶାରୋନ ଲୋୱେନଙ୍କ ଦ୍ୱାରା ଶତାବ୍ଦୀର କବି ଜୟଦେବଙ୍କ ମହାନ ରଚନା ଗୀତ ଗୋବିନ୍ଦର ଏକ ପ୍ରବନ୍ଧ ପଶ୍ୟତି ଦିଶି ଦିଶି ପରିବେଷଣ କରିଥିଲେ। ଏହାପରେ ଗୋବିନ୍ଦର ଅନ୍ୟ ଏକ ପ୍ରବନ୍ଧ ପ୍ରିୟେ ଚାରୁଶୀଳେକୁ ଝେଲମ ପରାଞ୍ଜପେ ଉପସ୍ଥାପନ କରିଥିଲେ। ସେହିପରି ଜ୍ୟୋତି ରାଉତଙ୍କ ଭଜ ଗୋବିନ୍ଦମ୍, ମନୋରଞ୍ଜନ ପ୍ରଧାନ ଏବଂ ମିନତି ପ୍ରଧାନଙ୍କ ଦ୍ୱାରା ଅର୍ଦ୍ଧନାରୀଶ୍ୱର, ମୀରା ଦାସଙ୍କ ଦ୍ୱାରା ଓଡିଆ ଅଭିନୟ ବିଭୂଷଣ ପୁଷ୍ପ, ସୁଶ୍ରୀ ବିପଞ୍ଚି ଦାସଙ୍କ ଦ୍ୱାରା କୃଷ୍ଣ ପ୍ରିତି ଓ ସୁହାଗ ନଳିନୀ ଦାସଙ୍କ ଦ୍ୱାରା ରସ ପଞ୍ଚକ ପରେ ଦଳଗତନୃତ୍ୟରେ ହଂସଧ୍ୱନି ପଲ୍ଲବୀ ପରିବେଷଣ ହୋଇଥିଲା। ଏହାପରେ ସୁରଭି ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଆଶାବରୀ ପଲ୍ଲବୀ ଏବଂ ସନ୍ଧ୍ୟାର ଶେଷ ଉପସ୍ଥାପନାରେ ସୁରମନ୍ଦିର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ନାଚନ୍ତି ରଙ୍ଗେ ଶ୍ରୀ ହରି ପରିବେଶେ ହୋଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଡ. ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ସ୍ତରରେ ଟେକ ରଖିଲେ ଓଡ଼ିଶା ଝିଅ

● ଜୁନିଅର ମିସ୍‌ଇଣ୍ଡିଆରେ ପାଇଲେ ଦୁଇଟି ଶୀର୍ଷ ସମ୍ମାନ



ଭୁବନେଶ୍ୱର/କଟକ, ୧୦ ।୧(ସମିସ): ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଥିବା ଭାରତର ସବୁଠାରୁ ବଡ଼ ବାଳିକା ପ୍ରତିଯୋଗିତା 'ଜୁନିଅର ମିସ୍ ଇଣ୍ଡିଆ-୨୦୨୬'ରେ ଓଡ଼ିଆ ଝିଅ ଶ୍ରେୟା ସଂହିତା କୁଣ୍ଡୁ ନିଜର ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜୟପୁରର ପ୍ରସିଦ୍ଧ ହୋଟେଲ କ୍ଲାର୍କ ଆମେରଠାରେ ଜାନୁଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ମେଗା ଇଭେଣ୍ଟରେ ଶ୍ରେୟା ୧୫-୧୬ ବର୍ଷ ବୟସ ବର୍ଗରେ ଅଂଶଗ୍ରହଣ କରିଥିଲେ। ସେ ସମସ୍ତ ରାଉଣ୍ଡରେ ନିଜର ବୁଦ୍ଧିମତା ଓ କଳାନୈପୁଣ୍ୟ ପ୍ରଦର୍ଶନ କରି 'ସାଂସ୍କୃତିକ ରାଉଣ୍ଡ'ରେ ବିଜେତା ହେବା ସହ 'ମିସ୍ ଟ୍ୟାଲେଣ୍ଟ' ଉପାଧିରେ ଭୂଷିତ ହୋଇଛନ୍ତି। ଶ୍ରେୟା ଏହି ଜାତୀୟ ମଞ୍ଚରେ ଓଡ଼ିଶାର ସମୃଦ୍ଧ ଆଦିବାସୀ ସଂସ୍କୃତିକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଓଡ଼ିଶାର ପାରମ୍ପରିକ କୋଟପାଡ୍ ଶାଢ଼ି ପରିଧାନ କରିବା ସହ ଏଥିରେ ଡୋଙ୍ଗରିଆ ଶାଲ୍ ଏବଂ ଶୌରା କଳା ନିର୍ମିତ ପ୍ରପ୍ସ ବ୍ୟବହାର କରିଥିଲେ। ଏହି ନିଆରା ପରିଧାନ ଦ୍ୱାରା ଓଡ଼ିଶାର କଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ କରାଯାଇଥିବା ପ୍ରୟାସ ତାଙ୍କୁ ସାଂସ୍କୃତିକ ରାଉଣ୍ଡରେ ଶ୍ରେଷ୍ଠ ପ୍ରତିଯୋଗୀର ସମ୍ମାନ ଆଣିଦେଇଥିଲା। ଏହି ପ୍ରଦର୍ଶନ ପାଇଁ ତାଙ୍କୁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ ଓ ବୟନ ମନ୍ତ୍ରଣାଳୟ ପକ୍ଷରୁ 'ଉତ୍କଳିକା'ର ଆଦିବାସୀ ହସ୍ତତନ୍ତ ଉତ୍ପାଦ ଯୋଗାଇ ଦିଆଯାଇ ସମର୍ଥନ କରାଯାଇଥିଲା। ତିନି ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ପ୍ରଥମ ଦିନ ଗ୍ରୁମିଂ ଓ ତାଲିମ ଅଧିବେଶନ ହୋଇଥିବା ବେଳେ ଦ୍ୱିତୀୟ ଦିନ ସାଂସ୍କୃତିକ ରାଉଣ୍ଡ ଏବଂ ଶେଷ ଦିନରେ ପଶ୍ଚିମା ପୋଷାକ ଓ ଗାଉନ୍ ରାଉଣ୍ଡ ଆୟୋଜିତ ହୋଇଥିଲା। ସାରା ଭାରତର ବିଭିନ୍ନ ପ୍ରାନ୍ତରୁ ଆଞ୍ଚଳିକ ଅଡିସନ୍ ମାଧ୍ୟମରେ ମନୋନୀତ ହୋଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଶ୍ରେୟାଙ୍କ ଏହି ଦ୍ୱୈତ ସଫଳତା ଓଡ଼ିଶାର କଳା ଓ ପରମ୍ପରା ପାଇଁ ଏକ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି। ଏନେଇ ଶ୍ରେୟାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବିଜୟ ନାୟକଙ୍କ ହିନ୍ଦୀ ଗଳ୍ପ ସଂକଳନ 'ଅରଣ୍ୟ ରୋଦନ' ଲୋକାର୍ପିତ



ଭୁବନେଶ୍ୱର, ୧୦।୧(ସମିସ): ଏନ୍‌ବିଟି ଦ୍ୱାରା ଆୟୋଜିତ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳାର ଥିମ୍ ମଣ୍ଡପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସ୍ପେନ୍‌ର ସଂସ୍କୃତି ମନ୍ତ୍ରୀ ଏର୍ଣ୍ଣାଷ୍ଟ ଉର୍ଟାସୁନ୍ କଥାଶିଳ୍ପୀ ବିଜୟ ନାୟକଙ୍କ ହିନ୍ଦୀ ଗଳ୍ପ ସଂକଳନ 'ଅରଣ୍ୟ ରୋଦନ' କୁ ଆଜି ଲୋକାର୍ପଣ କରିଛନ୍ତି। ନୂଆଦିଲ୍ଲୀର ପ୍ରଲେଖ ପ୍ରକାଶନ ପକ୍ଷରୁ ପ୍ରକାଶିତ ଶ୍ରୀ ନାୟକଙ୍କ ଏହି ଗଳ୍ପ ସଂଗ୍ରହରେ ୨୧ଟି ଗଳ୍ପ ସ୍ଥାନିତ ହୋଇଛି। ସୁପରିଚିତ ଅନୁବାଦକ ଡକ୍ଟର ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ଦ୍ୱାରା ଅନୁବାଦିତ ଗଳ୍ପଗୁଡ଼ିକ ବିଭିନ୍ନ ହିନ୍ଦୀ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକପାଠିକାମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଶ୍ରୀ ନାୟକଙ୍କ ଗଳ୍ପଗୁଡ଼ିକର ଭୂମି ସ୍ଥାନୀୟ କିନ୍ତୁ ଭାବ ବୈଶ୍ୱିକ ହୋଇଥିବାରୁ ପୁସ୍ତକଟି ସର୍ବଭାରତୀୟ ସ୍ତରରେ ଆଦୃତ ହେବ ବୋଲି ପୁସ୍ତକାର୍ପଣ ଅବସରରେ ମତପ୍ରକାଶ ପାଇଛି। ଏହି ଉତ୍ସବରେ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ସଚିବ ବିନୀତ ଜୋଶୀ, ଏନ୍‌ବିଟିର ଅଧ୍ୟକ୍ଷ ମିଲିନ୍ଦ ସୁଧାକର ମରାଠେ, ନିର୍ଦ୍ଦେଶକ ଯୁବରାଜ ମଲ୍ଲିକ ମଞ୍ଚାସୀନ ହୋଇଥିବାବେଳେ ଜ୍ଞାନରଞ୍ଜନ ନନ୍ଦ, ସୁରତ ମହନ୍ତ, ପ୍ରମୋଦ ସର, ରାମଚନ୍ଦ୍ର ନାଥ, ସଂଗ୍ରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁସ୍ତକ ଉନ୍ମୋଚନ କରି ଶ୍ରୀ ପ୍ରଧାନ ଓ ଅନ୍ୟମାନେ ଲେଖକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମେଗା 'ଶିଶିର ସରସ-୨୦୨୬' ଉଦ୍‌ଘାଟିତ

■ ସ୍ୱଦେଶୀ ଓ ଜିଆଇ ଟ୍ୟାଗପ୍ରାପ୍ତ ଓଡ଼ିଶା ଉତ୍ପାଦକୁ ଜାତୀୟ ସ୍ତରରେ ନୂଆ ପରିଚୟ: ମନ୍ତ୍ରୀ
■ ପ୍ରଥମ ଦିନରେ ଫୁଡ୍ ଜୋନ୍ ଓ ସେଲ୍ଫି ପଏଣ୍ଟରେ ଭିଡ଼
■ ଆକର୍ଷଣ ସାଜିଛି ଗ୍ରାମୀଣ କଳା, ମହିଳା ସଶକ୍ତିକରଣ ଓ ସ୍ୱଦେଶୀ ଉତ୍ପାଦ

ଭୁବନେଶ୍ୱର,୧୦ ।୧(ସମିସ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନସ୍ଥ ଓଡିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟୀ (ଓର୍‌ମାସ୍) ପକ୍ଷରୁ ସ୍ଥାନୀୟ ୟୁନିଟ୍ ୩ସ୍ଥିତ ଇଡକୋ ପ୍ରଦର୍ଶନୀ ପଡିଆରେ ଆରମ୍ଭ ହୋଇଛି ବାର୍ଷିକ ମେଗା 'ଶିଶିର ସରସ-୨୦୨୬' ମେଳା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ, 'ଶିଶିର ସରସ' କେବଳ ଏକ ମେଳା ନୁହେଁ, ବରଂ ଓଡିଶାର ଗ୍ରାମୀଣ ଆତ୍ମଶକ୍ତି, ସ୍ୱଦେଶୀ ପରିଚୟ ଓ ସାଂସ୍କୃତିକ ଐତିହ୍ୟର ଏକ ସଜୀବ ଉତ୍ସବ। 'ଭୋକାଲ୍ ଫର୍ ଲୋକାଲ୍' ଆହ୍ୱାନକୁ ସାକାର କରୁଥିବା ଏହି ମେଳା ମାଧ୍ୟମରେ ସ୍ୱଦେଶୀ ଓ ଜିଆଇ ଟ୍ୟାଗପ୍ରାପ୍ତ ଉତ୍ପାଦ ଜାତୀୟ ସ୍ତରରେ ପରିଚୟ ପାଉଛ ବୋଲି କହିଛନ୍ତି। ସମାରୋହରେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଉପସ୍ଥିତ ରହି ମେଳାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଗ୍ରାମୀଣ ଅର୍ଥନୀତି ସୁଦୃ?କରଣରେ ଏହାର ଭୂମିକାକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଓର୍‌ମାସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓର୍‌ମାସ୍ ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ସିଂହ ଧନ୍ୟବାଦ ଜ୍ଞାନ କରିଥିଲେ।

ଚଳିତବର୍ଷ ମେଳାରେ ମୋଟ ୩୪୦ ଷ୍ଟଲ୍ ଖୋଲାଯାଇଥିବା ବେଳେ ୩୫ଟି ଖାଦ୍ୟ ଷ୍ଟଲ୍ ରହିଛି। ଯେଉଁଠାରେ ପ୍ରଥମ ଦିନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଓଡିଶାର ୩୦ ଜିଲ୍ଲା ସହିତ ଦେଶର ଅନ୍ୟ ୨୦ଟି ରାଜ୍ୟର କାରିଗର ଓ ଉତ୍ପାଦକମାନେ ଅଂଶଗ୍ରହଣ କରିଛନ୍ତି, ଯାହାକି ଏକ 'ମିନି ଇଣ୍ଡିଆ ବଜାର'ର ଭ୍ରମ ସୃଷ୍ଟି କରୁଛି। ମେଳା ଅବସରରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ବଲିଉଡ୍‌ର କଣ୍ଠଶିଳ୍ପୀ ଦିବ୍ୟ କୁମାର ଓ ଓଲିଉଡର ବିଭିନ୍ନ କଳାକାରଙ୍କ ପ୍ରସ୍ତୁତି ସହ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ସ୍ମୃତିରେ 'ହ୍ୟୁମାନ ସାଗର ନାଇଟ୍' ମେଳାର ଏକ ବିଶେଷ ଆକର୍ଷଣ ସାଜିବ। ଏହା ସହ ମେଳା ପରିସରର 'ସେଲ୍ଫି ପଏଣ୍ଟ' ପରିଦର୍ଶକଙ୍କ ମନ ମୋହୁଛି। ସେହିପରି ମେଳା ପରିସରକୁ ପରିଷ୍କାର, ସୁସଜ୍ଜିତ ଓ ପ୍ଲାଷ୍ଟିକମୁକ୍ତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ, ପରିଦର୍ଶକମାନଙ୍କ ସୁବିଧା ପାଇଁ ଆବଶ୍ୟକୀୟ ସୁବିଧା ଉପଲବ୍ଧ କରାଯାଇଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ଶିଶିର ସରସ–୨୦୨୬' ପ୍ରତିଦିନ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ।

## ମାଞ୍ଜାସୂତାରେ ଗୁଡ଼ି ଉଡ଼ାଇଲେ ଗିରଫ କରିବ ପୁଲିସ

ଭୁବନେଶ୍ୱର/କଟକ, ୧୦ ।୧(ସମିସ): ମକରସଂକ୍ରାନ୍ତି ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ହେବ ଗୁଡ଼ି ଉଡ଼ା ପ୍ରତିଯୋଗିତା। କଟକ ସହରର ବିଭିନ୍ନ ଅଞ୍ଚଳରେ ଗୁଡ଼ି ଉଡ଼ାଇବା ଜୋରଦାର କରାଯିବ। ଏଠାରେ ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଗୁଡ଼ି ଉଡାନ୍ତି। ପୂର୍ବବର୍ଷ ବର୍ଷଗୁଡ଼ିକରେ ଏହି ଗୁଡ଼ି ଉଡ଼ା ଯୋଗୁଁ ଅନେକ ଅଘଟଣ ଘଟିଛି। କେତେବେଳେ କାହାର ବେକ କଟିଛି ତ କିଏ ଗାଡିରୁ ପଡ଼ି ଗୁରୁତର ହୋଇଛି। ଏଭଳି ପରିସ୍ଥିତିରେ ନିଷିଦ୍ଧ ମାଞ୍ଜା ସୂତାକୁ କମିସନରେଟ୍ ପୁଲିସ ସମ୍ପୂର୍ଣ୍ଣ ବାରଣ କରିଥିବା ବେଳେ ବିପଦସଙ୍କୁଳ ସ୍ଥାନରେ ଗୁଡ଼ି ଉଡାଇବାକୁ ବାରଣ କରାଯାଇଛି। ଆସନ୍ତାକାଲିଠାରୁ ପୁଣି ଥରେ ସହରର ଗୁଡି ଦୋକାନଗୁଡ଼ିକରେ ଚଢଉ କରାଯିବ ଏବଂ କଟକ ସହରରେ ଏହି ଚଢ଼ଉ ଜାରି ରହିବ ବୋଲି ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି। ପୁଲିସ ପକ୍ଷରୁ ଥାନାୱାରୀ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ୍ ବିଭିନ୍ନ ଦୋକାନ ଏବଂ ସ୍ଥାନୀୟ ଅଞ୍ଚଳରେ ମାଞ୍ଜାସୂତା ବ୍ୟବହାର କରି ଗୁଡି ଉଡାଉଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦୃଷ୍ଟି ଦେବ ବୋଲି ସିପି ଶ୍ରୀ ସିଂ କହିଛନ୍ତି। ଯେଉଁମାନେ ନିଷିଦ୍ଧ ମାଞ୍ଜା ସୂତା ବ୍ୟବହାର କରି ବିପଦସଙ୍କୁଳ ସ୍ଥାନରେ ଗୁଡି ଉଡ଼ାଇବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

● ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ କରାଟେ ଚାମ୍ପିଅନ

## ବାଲକାଟିର ୫ ପ୍ରତିଯୋଗୀଙ୍କୁ ୧୦ ପଦକ



ବାଲିଅନ୍ତା, ୧୦ ।୧(ସମିସ): ଚଳିତ ମାସ ୪ ରେ କଲିକତାର ରାୟଗଞ୍ଜ ମ୍ୟୁନିସିପାଲଟି ପାର୍କ ଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆନ୍ତର୍ଜାତୀୟ କରାଟେ ଚମ୍ପିୟାନ ସିପ ୨୦୨୬ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗୀତାରେ ଭାରତ, ନେପାଳ, ଭୁଟାନ, ବାଙ୍ଗଲାଦେଶ ଓ ଶ୍ରୀଲଙ୍କା ଦେଶ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଓଡ଼ିଶା ଖୋର୍ଦ୍ଧା ଜିଲ୍ଲା ବାଲକାଟି ଅଞ୍ଚଳର ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ମୋଟ ୫ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୦ ଗୋଟି ପଦକ ହାସଲ କରିଛନ୍ତି। ସେଥି ମଧ୍ୟରୁ ସିନିୟର୍ ବାଳିକା ବିଭାଗରେ ସୁଦେଶେସ୍ନା ଶୁଭଦର୍ଶନୀ (୭୫-୮୦) କାଟା ଓ କୁମିତେରେ ୨ଟି ସ୍ୱର୍ଣ୍ଣ, ବାଳକ ବିଭାଗରେ କୁମାର ଅଭିଷେକ ଭୋଇ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ପାଇଥିବା ବେଳେ ଜୁନିଅର ବାଳକ ବିଭାଗରେ ଭବେସ କୁମାର ମହାନ୍ତି ଗୋଟିଏ ରୌପ୍ୟ ଓ ଗୋଟିଏ ତାମ୍ର ପଦକ, ଆଦିତ୍ୟ ନମନ ମହାନ୍ତି ଦୁଇଗୋଟି ତାମ୍ର, ସାଇ କ୍ରିଷ୍ଣା ଦାସ ଦୁଇଟି ତାମ୍ର ପଦକ ହାସଲ କରି ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଛନ୍ତି। କୃତିତ୍ୱକୁ ସମ୍ମାନ ଜଣାଇବା ପାଇଁ ଅଞ୍ଚଳରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟୁଛି। ଏନେଇ ଆଜି ବାଲକାଟି ଦୁଲ୍ଲାଦେବୀ ମନ୍ଦିର ସଭାକକ୍ଷରେ ସ୍ୱସ୍ତିକ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱତନ୍ତ୍ର ସଭାରେ ସଂସ୍ଥାର ଅଧ୍ୟକ୍ଷ ଭୁବ୍ରତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ ଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, କପିଳ ମହାରଣା, ରଞ୍ଜନ ମହାପାତ୍ର, କଣ୍ଠ ଶିଳ୍ପୀ ଉପେନ୍ଦ୍ର ପ୍ରଧାନ ଏବଂ ଦୀନବନ୍ଧୁ ଭୋଇ ଉପସ୍ଥିତ ଥିଲେ।

# ଶୀତର ଆସର; ଚା'ର ଆଦର

## ସାରା ରାତି ଦୋକାନ ଖୋଲା

ଭୁବନେଶ୍ୱର, ୧୦।୧(ସମିସ): ରାଜଧାନୀରେ ଶୀତର ପ୍ରକୋପ ବଢ଼ି ବଢ଼ି ଚାଲିଛି। ସକାଳୁ ସକାଳୁ ଏହି ଶୀତରେ ଦେହରୁ କମ୍ବଳକୁ ଦୂରେଇ ଚା'ଦୋକାନରେ ଭିଡ଼ ଜମାଉଛନ୍ତି ସହରିଆ। ଖବର କାଗଜ ସହ ରାଜନୀତି, ଅର୍ଥନୀତି, ସାହିତ୍ୟ ଏହିପରି ଅନେକ ବିଷୟକୁ ସରଗରମ କରିପକାଉଛି ଚା' ଖଟି। ଷ୍ଟେସନ ହେଉ ଅବା ସହରର ବିଭିନ୍ନ ଛକ ଓ ହାଟ ସମେତ ରାସ୍ତାଘାଟ, ମେଡ଼ିକାଲ, ବସଷ୍ଟାଣ୍ଡ ଆଦି ସ୍ଥାନରେ ଚା' ଦୋକାନ ରହିଛି। ଏହି ଚା' ଦୋକାନ ସବୁ ଭୋରୁ ଭୋରୁ ଖୋଲୁଥିବା ବେଳେ ଆଉ କିଛି ଚା' ଦୋକାନ ବିଶେଷ କରି ବରମୁଣ୍ଡା ଏବଂ ମେଡ଼ିକାଲ ଆଖପାଖର ଚା' ଦୋକାନ ୨୪ ଘଣ୍ଟା ଖୋଲା ରହୁଛି। କ୍ଷୀର ଚା' ହେଉ ଅବା ନାଲି ଚା' ଗ୍ରାହକଙ୍କ ପସନ୍ଦ ମୁତାବକ ପ୍ଲାଷ୍ଟିକ୍ ଏବଂ ମାଟି ଗ୍ଲାସରେ ଗରାଖଙ୍କ ହାତକୁ ବଢ଼ାଇ ଦେଇଥାନ୍ତି ଦୋକାନୀ। ବିଶେଷ କରି ମେଡ଼ିକାଲ ଷ୍ଟେସନ, ବସଷ୍ଟାଣ୍ଡରେ ଅହରହ ଲୋକଙ୍କ ଯିବା ଆସିବା ଲାଗି ରହିଥିବାରୁ ଏହି ସବୁ ସ୍ଥାନ ଗୁଡ଼ିକରେ ଚା' ଦୋକାନ ଖୋଲା ରହୁଛି। ଫଳରେ ବସ୍ ଟ୍ରେନ୍ ପାଇଁ ଅପେକ୍ଷା ହେଉ ଅବା ଡାକ୍ତରଖାନାରେ ରୋଗୀକୁ ଜଗିବା କାର୍ଯ୍ୟରୁ ଚା' ଅନେକ ଲୋକଙ୍କ ପାଇର୍ ସାହାରା ପାଲଟିଛି।



ଏଥିସହିତ ସହରରେ ଏବେ ସ୍ୱାସ୍ଥ୍ୟ ଉପଯୋଗୀ ଚା' ମଧ୍ୟ ଉପଲବ୍ଧ ହେଉଅଛି। ଫିଟ୍‌ନେସ ପ୍ରେମୀ ହୁଅନ୍ତୁ ଅବା ସେଲିବ୍ରେଟି, ଡ଼ାଏଟିସିଆନ୍‌ଙ୍କ ସମେତ ବଡ଼ ବଡ଼ ଉଚ୍ଚପଦସ୍ତ ଅଧିକାରୀ ମାନେ ମଧ୍ୟ 'ହର୍ବାଲ ଚା', 'ମାଚା ଟି' ସହିତ 'ମିଲେଟ୍ ଟି' 'ଗ୍ରୀନ ଟି'କୁ ବେଶ ପସନ୍ଦ କରୁଛନ୍ତି। ମେଳା ମହୋତ୍ସବ ହେଉ ଅବା ବଡ଼ ବଡ଼ ହୋଟେଲର ମେନୁରେ ଏହି ଚା'ର ନାମ ରହିଛି।

ବରମୁଣ୍ଡା ବସଷ୍ଟାଣ୍ଡ ପାଖରେ ଜଣେ ଦୋକାନ କରିଥିବା ଚା'ଦୋକାନୀ କୁହନ୍ତି ସାରା ରାତି ଚା'ଦୋକାନ ଖୋଲା ହେଲେ ବି ଭୋରୁ ଭୋରୁ ଚା' ଅଧିକ ବିକ୍ରି ହୁଏ। ଗୋଟିଏ ଦିନରେ ପ୍ରାୟ ସେ ୧ଶହ ଚା' କପ୍ ବିକ୍ରି କରନ୍ତି। ରାତିରେ ମଧ୍ୟ ୫୦ ପାଖାପାଖି ଚା' କପ୍ ବିକ୍ରି ହୁଏ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ବରିଷ୍ଠଙ୍କ ଭିତରେ ଅନେକ ମଧୁମେହ ରୋଗୀ ରହୁଛନ୍ତି ଏଥିପାଇଁ ବିନା ଚିନିରେ ଚା' କରି ଅଲଗା ରଖିବାକୁ ପଡୁଛି ବୋଲି ସେ କହିଛନ୍ତି।

